# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


ଲିଗାସୀ ଲଢ଼େଇ

ଗପର ନାଁ 'ମହିଳା ସଶକ୍ତିକରଣ'

ବିଜୁଙ୍କ ନାଁ'ରେ ଭିଜିଲାନ୍ସ ମାମଲା

ଚିଠିରେ ଖେଳ କଲେ ନବୀନ

ବିଜେପିକୁ ଚିନ୍ତା ମମତାଙ୍କ ଦକ୍ଷିଣ ଗଡ଼

ଚର୍ଚ୍ଚାରେ ଦିଲ୍ଲୀପ ରାୟ୍

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-22 20 APRIL - 26 APRIL 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୨ ୨୦ ଏପ୍ରିଲ୍ - ୨୬ ଏପ୍ରିଲ୍ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର







# ଗପର ନାଁ 'ମହିଳା ସଶକ୍ତିକରଣ'

ଶାସକ ଦଳ ପକ୍ଷରୁ ପ୍ରଚାର କରାଯାଉଛି, ବିରୋଧୀ ମହିଳା ସଂରକ୍ଷଣ ଚାହୁଁନାହାନ୍ତି ମହିଳାଙ୍କ ଅଧିକାରର ଭ୍ରୁଣ ହତ୍ୟା କରିଛନ୍ତି। କିନ୍ତୁ ବାସ୍ତବରେ ମହିଳା ସଂରକ୍ଷଣ ବିଲ୍ ଅର୍ଥାତ୍ ୩୩% ମହିଳା ସଂରକ୍ଷଣ ବିଲ୍‌କୁ ସମସ୍ତେ ପୂର୍ବରୁ ସମର୍ଥନ କରୁଥିଲେ ଆଉ ଏବେ ମଧ ସମର୍ଥନ କରୁଛନ୍ତି।

୧୦୦ ଡିସିବିଲ ସାଉଣ୍ଡ କରି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମହିଳା ସଶକ୍ତିକରଣର ଡିଜେ ବାଜୁଛି। ସମସ୍ତେ ମହିଳାଙ୍କ ପାଇଁ ହେଙ୍କା ଟେକି କାନ୍ଦି ପକାଉଛନ୍ତି। ଝରଝର ଲୁହରେ ରୁମାଲ ବି ଓଦା ହୋଇଯାଉଛି। ହେଲେ ଆଜ୍ଞା, ଏକଥା ସତଯେ, ମହିଳାଙ୍କୁ ଚାକିରୀରେ ସଂରକ୍ଷଣ ମିଳିବାରୁ ସେମାନେ ମଜବୁତ୍ ହୋଇଛନ୍ତି। ଆର୍ଥିକସ୍ତରରେ ପ୍ରଗତି ହାସଲ କରିବା ସହ ପରିବାରର ଡ୍ରାଇଭର ସିଟ୍‌ରେ ବସିଛନ୍ତି। ହେଲେ ଆଜିକାଲି ନିର୍ବାଚନରେ ସଂରକ୍ଷଣକୁ ନେଇ ଶାସକ ଓ ବିରୋଧୀ ମଧ୍ୟରେ ଯେଉଁ ବାଦିପାଲା ଚାଲିଛି, ତା'ର ବାସ୍ତବତା କ'ଣ ? ପଞ୍ଚାୟତ ନିର୍ବାଚନରେ ଏବେ ମହିଳାଙ୍କୁ ୫୦% ସଂରକ୍ଷଣ ମିଳୁଛି। ୱାର୍ଡ଼ମେମ୍ବର, ସମିତିସଭ୍ୟ, ସରପଞ୍ଚ, ଜିଲ୍ଲା ପରିଷଦରେ ସଂରକ୍ଷଣ ଲାଗୁହୋଇଛି। ହେଲେ ସେମାନଙ୍କ ମଧ୍ୟରୁ ୭୫ ଭାଗ ନେତ୍ରୀ ବାସ୍ତବ ନେତ୍ରୀ ନୁହଁନ୍ତି। ଦକ୍ଷତା ଯୋଗୁଁ ନୁହେଁ ବରଂ ସ୍ୱାମୀଙ୍କ କୋଟାରେ ସେମାନେ ପଦପଦବୀ ପାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ଅନେକ ମହିଳା ବିଧାୟିକା ମଧ ବାପା ଓ ସ୍ୱାମୀଙ୍କ ଲିଗାସୀରୁ ଆସିଛନ୍ତି। ଯଦି ସାଧାରଣ ମହିଳାଟେ ସଂରକ୍ଷଣର ଶିଡ଼ିରେ ନେତ୍ରୀ ହୋଇପାରନ୍ତା ତେବେ ଯାଇ ଆଉ କିଛି ଦଶନ୍ଧି ପରେ ସ୍ୱୟଂସମ୍ପୂର୍ଣ୍ଣା, ସୁଦକ୍ଷା, ସୁସଂଗଠିକା ନେତ୍ରୀ ବାହାରିପାରନ୍ତେ। ଏବେ ଲୋକସଭା ଓ ବିଧାନସଭାରେ ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ନେଇ ସଂସଦରେ ତୁମ୍ବିତୋଫାନ୍ ହେଲା। ଦିଦିନ ଧରି ଶାସକ ଓ ବିରୋଧୀ ବିତର୍କ କଲେ। କିନ୍ତୁ ସିଟ୍ ବୃଦ୍ଧି ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ସହଯୋଗ ନକରିବାରୁ ତାହା ଅଟକିଗଲା। ଯାହାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୀତିକ ରୁଟି ସେକା। ଶାସକ ଦଳ ପକ୍ଷରୁ ପ୍ରଚାର କରାଯାଉଛି, ବିରୋଧୀ ମହିଳା ସଂରକ୍ଷଣ ଚାହୁଁନାହାନ୍ତି। ସେମାନେ ମହିଳାଙ୍କ ଅଧିକାରର ଭ୍ରୂଣ ହତ୍ୟା କରିଛନ୍ତି। କିନ୍ତୁ ବାସ୍ତବରେ ମହିଳା ସଂରକ୍ଷଣ ବିଲ୍ ଅର୍ଥାତ୍ ୩୩% ମହିଳା ସଂରକ୍ଷଣ ବିଲ୍‌କୁ ସମସ୍ତେ ପୂର୍ବରୁ ସମର୍ଥନ କରୁଥିଲେ ଆଉ ଏବେ ମଧ ସମର୍ଥନ କରୁଛନ୍ତି। ଯଦି ମୋଦି ସରକାର ପ୍ରକୃତରେ ମହିଳାଙ୍କୁ ସଂରକ୍ଷଣ ଦେବାକୁ ଚାହୁଁଥା'ନ୍ତି ତେବେ ଆସନ ନବଢ଼ାଇବି ମହିଳାଙ୍କୁ ସେମାନଙ୍କ ଅଧିକାର ଦେବାରେ କଟକଣା ନାହିଁ। ହଁ, ଯଦି ଏହା ଲାଗୁ ହୁଏ ତେବେ ରାଜନୈତିକ ଦଳଗୁଡ଼ିକ ଲିଗାସୀ ନେତ୍ରୀଙ୍କୁ ନଖୋଜି ସାଧାରଣ ପରିବାରରୁ ଆସି ନେତ୍ରୀ ହୋଇଥିବା ମହିଳାଙ୍କୁ ସୁଯୋଗ ଦେଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ।




## ବାବା ଅବ୍ଜର୍ଭାନନ୍ଦ

ଓଡ଼ିଆ ଅସ୍ମିତା, ଓଡ଼ିଆ ଅସ୍ମିତା
କାହିଁକି ମଉନେ ବସିଛୁ ଆଜି,
ତୋ ଗେଲ୍ହା ବିଜୁର ନାମକୁ ନେଇକି
ରାଜନୀତିରେ ଯେ ଲାଗିଛି ବାଜି ।

କିଏ କହେ ମଲା କଲବଲ ହୋଇ
କିଏ କହେ ପୁଅ ପଚାରିଲାନି,
କିଏ ପୁଣି କୁହେ ବେଶୀ ଗପୁଛନ୍ତି ଯିଏ
କେବେ ବିଜୁ ମୁହଁ ଦେଖିନି ।

ଶ୍ରାଦ୍ଧ ଦିବସରେ ତାଙ୍କ ଅନୁଗତ
ଅଲଗା ଅଲଗା କଲେ ତର୍ପଣ,
ଏସିରେ ବସିକି ଦଳେ ସଭା କଲେ,
ମୂର୍ତ୍ତିରେ ଆଉ କେ ପୁଷ୍ପ ଅର୍ପଣ ।

ଥିଲାବେଳେ ବିଜୁ ନିଜ ସ୍ୱାର୍ଥ ପାଇଁ
କାଟିଥିଲେ କିଛି ତାଙ୍କରି ଚେର,
ତାଙ୍କ ନାମ ନେଇ ଚବିଶି ବରଷ ଆଉ
କିଛି ନେଲେ ଶାସନ ଭାର ।

ଜାଣିଛନ୍ତି ସବୁ ବିଜୁ ନାମେ ଅଛି
ବୋକା ଓଡ଼ିଆଙ୍କ ଦାମୀ ଭୋଅଟ,
ସେଥିପାଇଁ ବୋଧେ ମଝିରେ ମଝିରେ
ଚାଲିଛି ଏମିତି କଣ୍ଢେଇ ନାଟ ।

ସତରେ ଅସ୍ମିତା ଅଛି ଯଦି ଆଜି
ଗର୍ବିତ ଓଡ଼ିଆ ଏକାଠି ହୁଅ,
ନିଦରୁ ଉଠ ହେ ଉତ୍କଳ ସନ୍ତାନ ଏ
ବେଇମାନଙ୍କୁ ଜବାବ ଦିଅ ।

# ବିଜୁ-ବିଶ୍ୱଭୂଷଣ ବିବାଦ

୧୯୭୯ ମସିହାର କଥା। ସେହି ସମୟରେ ବିଜୁ ପଟ୍ଟନାୟକ ଓ ରବି ରାୟ ଜନତା (ଏସ୍)ରେ ଯୋଗ ଦେଇଥିଲେ। ବିଜୁଙ୍କ ଏଭଳି ଦଳବଦଳକୁ ନେଇ ଖପ୍ପା ହୋଇଯାଇଥିଲେ ପ୍ରହ୍ଲାଦ ମଲ୍ଲିକ ଓ ବିଶ୍ୱଭୂଷଣ ହରିଚନ୍ଦନ। ସେମାନେ ଖୋଲାଖୋଲି ଭାବେ ବିଜୁଙ୍କୁ ସମାଲୋଚନା କରିଥିଲେ। ଯାହାକି ବିଜୁବାବୁଙ୍କ ବେଶ୍ ବାଧିଥିଲା। ତେଣୁ ଦୁଇ ଜଣଙ୍କୁ ମନ୍ତ୍ରୀମଣ୍ଡଳରୁ ବାହାର କରିବାକୁ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜୁଙ୍କ ପାଇଁ ହିଁ ସେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତୁରନ୍ତ ପ୍ରହ୍ଲାଦ ଓ ବିଶ୍ୱଭୂଷଣଙ୍କୁ ମନ୍ତ୍ରୀମଣ୍ଡଳରୁ ବାହାର କରିଦେଲେ। ଏହାକୁ ନେଇ ଜନତା ପାର୍ଟିରେ ଅସନ୍ତୋଷ ଖେଳି ଯାଇଥିଲା। ଏଭଳି ସମୟରେ ୧୯୭୯ ଅଗଷ୍ଟରେ ନୀଳମଣି ରାଉତରାୟଙ୍କ ଅନିଚ୍ଛା ସତ୍ତ୍ୱେ ଜନତା ପାର୍ଟି ବିଧାୟକ ଦଳର ବୈଠକ ଡକାଯାଇଥିଲା। ସବୁଠାରୁ ବଡ଼ କଥାଟି ହେଉଛି, ତତ୍କାଳୀନ ଜନତା ପାର୍ଟି ସଭାପତି ଚନ୍ଦ୍ରଶେଖର ଏମିତି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏନେଇ ୪ ବିଧାୟକ କୋର୍ଟରେ ଚ୍ୟାଲେଞ୍ଜ କରିବାରୁ ବୈଠକ ଉପରେ କଟକଣା ଜାରିହୋଇଥିଲା। ତଥାପିବି ଚନ୍ଦ୍ରଶେଖରଙ୍କ ସମର୍ଥକମାନେ ଏକାଠି ହୋଇ ବୈଠକ କରିଥିଲେ। ୨୦ ବିଧାୟକ ଏକତ୍ର ହୋଇ ପ୍ରହ୍ଲାଦ ମଲ୍ଲିକଙ୍କୁ ନେତା ଭାବେ ନିର୍ବାଚିତ କରିଥିଲେ। ଯେଉଁଥିପାଇଁ ବିଶ୍ୱନାଥ ପଣ୍ଡିତ, ପ୍ରହ୍ଲାଦ ମଲ୍ଲିକ, ବିଶ୍ୱଭୂଷଣ ହରିଚନ୍ଦନ, ଅନନ୍ତ ନାରାୟଣ ସିଂହଦେଓ, ଭାଗବତ ବେହେରାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ଉଭୟ ଗୋଷ୍ଠୀ ପ୍ରକୃତ ଜନତା ପାର୍ଟି ବୋଲି ଦାବି କରି ବାଚସ୍ପତିଙ୍କୁ ସ୍ୱୀକୃତି ଦେବାକୁ ଦାବି କରିଥିଲେ। ଶେଷରେ ବାଚସ୍ପତି ସତ୍ୟପ୍ରିୟ ମହାନ୍ତି ନୀଳମଣିଙ୍କ ନେତୃତ୍ୱରେ ପରିଚାଳିତ ଗୋଷ୍ଠୀକୁ ଜନତା ପାର୍ଟି ଓ ପ୍ରହ୍ଲାଦଙ୍କ ଗୋଷ୍ଠୀକୁ ଜନତା ପାର୍ଟି (ସଂଗଠନ) ନାମରେ ନାମିତ କରିଥିଲେ। ଜନତା ଦଳରେ ଏହି ଭିଡ଼ାଟଣା ନୀତି ଯୋଗୁଁ ୧୯୮୦ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିଲା। ୧୯୮୬ରେ ଅଜିତ ସିଂହଙ୍କ ଲୋକଦଳ, ଭିପିସିଂହଙ୍କ ଜନମୋର୍ଚ୍ଚା ଓ ଜନତା ପାର୍ଟିର ନେତାମାନେ ଏକାଠି ହୋଇ ଜନତା ଦଳ ଗଠନ କରିଥିଲେ। ଅଣକଂଗ୍ରେସ ନେତାମାନେ ଏକାଠି ଲଢ଼ିବାରୁ ୧୯୯୦ରେ ବିଜୁବାବୁ ବିପୁଳ ବିଜୟ ହାସଲ କରି ସରକାର ଗଢ଼ିଥିଲେ।



ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।

**ବିଜୁବାବୁ କାହାର ? ଏହାକୁ ନେଇ ଆରମ୍ଭ ହୋଇଯାଇଛି ଲଢ଼େଇ। ଥୋକେ କହୁଛନ୍ତି ନବୀନ ବାବୁ ବିଜୁଙ୍କ ପୁଅ, ତେଣୁ ସେ ହିଁ ବିଜୁବାବୁଙ୍କ ଅସଲ ଲିଗାସୀ। ଆଉ ଥୋକେ କହୁଛନ୍ତି, ବିଜୁବାବୁଙ୍କ ସହ ଆମର ତିରିଶ ଚାଳିଶ ବର୍ଷର ସମ୍ପର୍କ ଥିଲା। ସେ ଆମ ରାଜନୀତିକ ଗୁରୁ। ଆମେ ବି ବିଜୁ ଲିଗାସୀ। ରାଜ୍ୟ ରାଜନୀତିକୁ ଆଚ୍ଛାଦିତ କରି ରଖିଥିବା ଲିଗାସୀ ଲଢ଼େଇକୁ ନେଇ ଉପସ୍ଥାପନା।**




# ଲିଗାସୀ ଲଢ଼େଇ

**ଚିତ୍ତରଞ୍ଜନ ମହାନ୍ତି, କଟକ**

ପ୍ରଥମେ ବିଜୁବାବୁଙ୍କ ଭଳି ଜଣେ ଉତ୍ତୁଙ୍ଗ ରାଜନେତାଙ୍କୁ 'ଗର୍ବିତ ଓଡ଼ିଆ'ର ପ୍ରଣାମ। ଓଡ଼ିଶା କିମ୍ବା ଦେଶର ଅନେକ ରାଜନେତା ମୃତ୍ୟୁର ଅନେକ ଦିନ ପୂର୍ବରୁ ରାଜନୀତିରେ ଗୁରୁତ୍ୱ ହରାଇଥିବାର ଗଦାଗଦା ନଜିର ରହିଛି। ହେଲେ ବିଜୁବାବୁ ମୃତ୍ୟୁର ତିନି ଦଶନ୍ଧି ପରେ ବି ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରି ଆସୁଛନ୍ତି। ଯେଉଁଥିପାଇଁ ରାଜ୍ୟ ରାଜନୀତିରେ ବିଜୁ ହେଉଛନ୍ତି ସବୁଠୁ ଡେଙ୍ଗା ମଣିଷ। ତା'ର କାରଣ କଣ ? କାହିଁକି ମହତାବ, ଜାନକୀଙ୍କ ଭଳି ଟାଣୁଆ ନେତା ଏଭଳି ସୌଭାଗ୍ୟର ଅଧିକାରୀ ହୋଇନାହାନ୍ତି ? ଏମିତି ପ୍ରଶ୍ନ ଉଠିବା ସ୍ୱାଭାବିକ।

ବିଜୁଙ୍କ ରାଜନୀତିକ ଦୃଷ୍ଟିକୋଣ, ନେତୃତ୍ୱ ସୃଷ୍ଟି ଓ ପରିବର୍ତ୍ତିତ ରାଜନୀତିକ ସମୀକରଣ ହିଁ ତାଙ୍କୁ ମୃତ୍ୟୁପରେ ବି ଶକ୍ତିଶାଳୀ କରିଛି। ଯଦି ଓଡ଼ିଶାର ରାଜନୀତିକ ଇତିହାସ ଓ ପରିସଂଖ୍ୟାନକୁ ଅନୁଶୀଳନ କରିବେ ତେବେ ବିଜୁବାବୁ ବଞ୍ଚିଥିବାବେଳେ ଓଡ଼ିଶାବାସୀ ତାଙ୍କୁ ଯେତିକି ଭଲ ପାଇନଥିଲେ ବରଂ ମୃତ୍ୟୁ ପରେ ତାଙ୍କୁ ସେତିକି ଭଲପାଇବା

**ଏ ଲିଗାସୀ କ'ଣ ? ରାଜ୍ୟରେ ଖାଲି କାହିଁକି ବିଜୁ ଲିଗାସୀ ନେଇ ଚର୍ଚ୍ଚା ହେଉଛି ? ମଧୁବାବୁ, ଗୋପବନ୍ଧୁ, ମହତାବ, ଜାନକୀ, ନନ୍ଦିନୀ, ନବକୃଷ୍ଣଙ୍କ ଭଳି ରାଜନେତା ଓ ମହାପୁରୁଷଙ୍କ ଲିଗାସୀକୁ ନେଇ କାହିଁକି ବାଡ଼ିଆପିଟା ହେଉନି, ତା'ର ଛୋଟିଆ ଉତ୍ତରଟି ହେଉଛି, ଭୋଟ୍ ରାଜନୀତି ଚଉକି ରାଜନୀତି କ୍ଷମତା ରାଜନୀତି।**

ଦେଇଛନ୍ତି। ସେ ଦୁଇ ଦଫାରେ ୭ ବର୍ଷ ମୁଖ୍ୟମନ୍ତ୍ରୀ ହୋଇଥିଲେ, କିନ୍ତୁ ତାଙ୍କ ନାମରେ ଗଠିତ ବିଜେଡ଼ି ୨୪ ବର୍ଷ ଏକାଦିକ୍ରମେ କ୍ଷମତାର ରହିବାର ବିରଳ ସୌଭାଗ୍ୟ ଅର୍ଜନ କରିଥିଲା।

## ବିଜୁଙ୍କ ପାଇଁ ବିଜେଡ଼ି, ବିଜେଡ଼ି ପାଇଁ ବିଜୁ

ଆମେ ଏମିତି ବି କହିପାରିବା, 'ବିଜୁ ନଥିଲେ ବିଜେଡ଼ି ନାହିଁକି ବିଜେଡ଼ି ନଥିଲେ ବିଜୁ ବି ନାହାନ୍ତି।' ଆସନ୍ତୁ ଏହି ବାକ୍ୟର ଟିକେ ସରଳାର୍ଥ ଲେଖିବା। ବିଜୁବାବୁଙ୍କ ମୃତ୍ୟୁ ପରେ ତାଙ୍କର ପ୍ରଚଣ୍ଡ ଲୋକପ୍ରିୟତାର ଝଲକ ସାରା ରାଜ୍ୟ ଦେଖିଲା। ଜାତୀୟ ରାଜନୀତିରେ ବିଜୁଙ୍କର କେତେ ପ୍ରଭାବ ଥିଲା ତାହା ବି ସମସ୍ତେ ମର୍ମେମର୍ମେ ଅନୁଭବ କଲେ। ବିଜୁଙ୍କ ମୃତ୍ୟୁ ପରେ ଜନତା ଦଳ ମୁରବୀଶୂନ୍ୟ ହୋଇଗଲା। ଏମିତିବି ବିଜୁବାବୁ ବି ନିଜର ଲିଗାସୀ କଥା ସ୍ଥିର କରିନଥିଲେ। କାହିଁକିନା ତାଙ୍କ ପରିବାରରୁ ସେ କାହାକୁ ରାଜନୀତିକୁ ଆଣିବା ପାଇଁ ଚାହିଁନଥିଲେ। ସେହି ସମୟରେ କଂଗ୍ରେସରେ ବି ବାଦିପାଲା ଆରମ୍ଭ ହୋଇଯାଇଥିଲା। କଷ୍ଟେମଷ୍ଟେ ଜାନକୀବାବୁ ସରକାର

ଗର୍ବିତ ଓଡ଼ିଆ



ଚଳାଉଥିଲେ । ଏଭଳି ସମୟରେ ବିଜେପି ଗୋଟି ଚଳାଇବା ଆରମ୍ଭ କଲା । କାହିଁକିନା ୧୯୯୫ ନିର୍ବାଚନରେ ବିଜେପି ୯ ଆସନରେ ଜିଣିବା ସହ ୮% ଭୋଟ୍ ପାଇଥିଲା । ତତ୍କାଳୀନ ଜନତା ଦଳ ଓ ବିଜେପିର ଭୋଟ୍ ମିଶିଲେ ୪୩% ହେଉଥିଲା । ଯାହାକି କଂଗ୍ରେସ ଠାରୁ ୪% ଅଧିକ ଥିଲା । ସେହିପରି ଜାନକୀବାବୁଙ୍କ ସରକାର ବଦନାମ ହୋଇଯାଇଥିବାରୁ ଆଉ ଚାରି ପାଞ୍ଚ ପ୍ରତିଶତ ଭୋଟ୍ କମିବା ନିଶ୍ଚିତ ହୋଇଯାଇଥିଲା । ତେଣୁ ପ୍ରମୋଦ ମହାଜନ ଗୋଟି ଚଳାଇବା ଆରମ୍ଭ କରିଥିଲେ । ବିଜୁ ଥିଲେ ଓଡ଼ିଶା ଜନତା ଦଳର ଲିଡ଼ର ଓ ଫାଇନାନ୍ସର । ବିଜୁଙ୍କ ପରେ ଦଳ ଚଳାଇବା ପାଇଁ ଟଙ୍କା ଯୋଗାଡ଼ କରିବାର ସାହାସ କି ସାମର୍ଥ୍ୟ ବି କାହାର ନଥିଲା । ଜାନକୀବାବୁ ୧୫ ବର୍ଷ ଶାସନରେ ଥିବାରୁ କଂଗ୍ରେସ ନେତାମାନେ ହିଁ ଧନୀ ଥିଲେ । ଏଭଳି କ୍ଷେତ୍ରରେ ବିଜେପି ଫାଇନାନ୍ସ କରିବାକୁ ପ୍ରସ୍ତୁତ ହୋଇଗଲା ।

ବିଜୁଙ୍କ ଶବ ଶୋଭାଯାତ୍ରାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ, ରାଜ୍ୟରେ ଜନତା-ବିଜେପି ମେଣ୍ଟ ଅଙ୍କର ସମ୍ଭାବ୍ୟ ସଫଳତାକୁ କଷିବା ପରେ ଦଳର ନାଁ ଦିଆଗଲା ବିଜୁ ଜନତା ଦଳ । ବିଜୁଙ୍କ ନାଁରେ ଭୋଟ୍ ଟାଣିହେବବୋଲି ଉଭୟ ବିଜେଡ଼ି ଓ ବିଜେପି ନେତାମାନେ ଅଙ୍କ କଷିଥିଲେ ।

ସେହି ସମୟରେ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟରେ ସଂକଟଜନକ ସ୍ଥିତି ଦେଇ ଗତି କରୁଥିଲା । ରାଜୀବ ଗାନ୍ଧୀଙ୍କ ପରେ କଂଗ୍ରେସର ମଙ୍ଗ ଧରିବାକୁ ଗାନ୍ଧୀ ପରିବାରର କେହି ରାଜି ହୋଇନଥିଲେ । ପିଭି ନରସିଂହ ରାଓଙ୍କ ସରକାର ଅନେକ ସଂସ୍କାର ଆଣିଥିଲେବି ଲୋକପ୍ରିୟ ନଥିଲା । ସେହିପରି କଂଗ୍ରେସିଆଙ୍କ ଗାନ୍ଧୀ ପରିବାର ପ୍ରେମ ପ୍ରବଳ ଥିଲା । କଂଗ୍ରେସରେ ଗୋଷ୍ଠୀକନ୍ଦଳ ବଢୁଥିବାବେଳେ ୧୯୯୭ ବେଳକୁ ସୋନିଆ ଗାନ୍ଧୀ ନୂଆ କରି ଦଳରେ ସାମିଲ୍ ହେଲେ । ପରେ ଅନେକ ବଡ଼ କଂଗ୍ରେସ ନେତା ଦଳ ଛାଡ଼ିଲେ । ସେପଟେ ଅଟଳ ବିହାରୀ ବାଜପେୟୀଙ୍କ ଲୋକପ୍ରିୟତା ଓ ବିଜେପିର ସାଂଗଠନିକ ଶକ୍ତି ବି ବଢ଼ିବାରେ ଲାଗିଥିଲା । ପ୍ରଥମ ଥର ପାଇଁ ୧୯୯୬ ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇବାରେ ସକ୍ଷମ ହୋଇଥିଲା ବିଜେପି । ତେଣୁ ବାଜପେୟୀ ପରବର୍ତ୍ତୀ ନିର୍ବାଚନରେ ଜିତିବା ନିଶ୍ଚିତ ବୋଲି

**ବିଜୁ ଲିଗାସୀ କିଏ ?** ହଠାତ୍ ବିଜୁ ଲିଗାସୀ ଭିତରେ ଲଢ଼େଇ କାହିଁକି ଆରମ୍ଭ ହେଲା । ଏହା ପଛର ରହସ୍ୟ କ'ଣ ? ଏଥିପାଇଁ କିଏ ଦାୟୀ ? ଏମିତି ଅସୁମାରୀ ପ୍ରଶ୍ନ ଉଠିବା ସ୍ୱାଭାବିକ । ବିଜୁ ଲିଗାସୀ କହିଲେ ବିଜେଡ଼ି କହୁଛି ନବୀନ ବାବୁ ହିଁ ଲିଗାସୀ । ସେପଟେ ବିଜୁଙ୍କ ସହ ତିନି ଚାରି ଦଶନ୍ଧି ଧରି କାମ କରିଥିବା ନେତାମାନେ କହୁଛନ୍ତି ଆମେ ବି ବିଜୁ ଲିଗାସୀ । ଆମ ମତରେ ଉଭୟ ଲିଗାସୀ । କାହିଁକିନା ଲିଗାସୀର ଅର୍ଥ କେବଳ ବ୍ୟକ୍ତିର ଉତ୍ତରାଧିକାରୀ ନୁହଁନ୍ତି, ବିଚାରଧାରାର ଉତ୍ତରାଧିକାରୀ । ଆଜି ଯେଉଁମାନେ ବିଜୁ ଲିଗାସୀ ବୋଲି ଦାବି କରୁଛନ୍ତି ବିଜେଡ଼ି ଗଠନରେ ସେମାନଙ୍କର ପ୍ରମୁଖ ଅବଦାନକୁ ନବୀନ ବାବୁ ଅସ୍ୱୀକାର କରିପାରିବେ କି ?

## କିଛି ଲୋକ ବିଶ୍ୱାସଘାତକ ଭୂମିକାରେ ଖୁସି ହୁଅନ୍ତି: ନବୀନ

ବିଜୁବାବୁ ଥିଲେ ଆକାଶ ପରି ବିଶାଳ । ମାଟି ପରି ସହିଷ୍ଣୁ ଓ ହିମାଳୟ ପରି ତୁଙ୍ଗ । କିନ୍ତୁ ଆପଣ ଜାଣନ୍ତି, ଓଡିଶା ରାଜନୀତିରେ କିଛି ଲୋକ ସବୁବେଳେ ବିଶ୍ୱାସଘାତକ ଭୂମିକାରେ ଖୁସି ହୁଅନ୍ତି । ସେମାନେ ମନେ ରଖିବା ଉଚିତ୍‌ଯେ, ମୁଖାର ଆବରଣ ତଳେ ସେମାନଙ୍କ ପାପ ଦୀର୍ଘଦିନ ଧରି ଲୁଚିପାରିବ ନାହିଁ । କିଏ କ'ଣ କରୁଛି ଓଡିଶାବାସୀ ଭଲ ଭାବରେ ଜାଣନ୍ତି ।

## ଦିନେ ବିଜୟଙ୍କ ସହ ଥିଲେ ତଥାଗତ

ଏଇ ନିକଟରେ ଧରିତ୍ରୀ ସମ୍ପାଦକ ତଥାଗତ ଶତପଥି, ତାଙ୍କ ଖବରକାଗଜରେ ପ୍ରକାଶିତ ଏକ ବେଲୁ ଲିଗାସୀ ସଂକ୍ରାନ୍ତୀୟ ଖବରକୁ ଏକ୍ସରେ ସେୟାର କରିଛନ୍ତି । ବିଜୟ ମହାପାତ୍ରଙ୍କୁ ଆକ୍ଷେପ କରି ଏଭଳି ସମ୍ବାଦ ପରିବେଷଣ କରାଯାଇଥିଲେବି ତାଙ୍କ ନାଁ କିନ୍ତୁ ନେଇନାହାନ୍ତି । କିନ୍ତୁ ଲୋକମାନେ ଯାହା ବୁଝିବା କଥା ବୁଝୁଛନ୍ତି । କିନ୍ତୁ ଆଜିର ପୀଢ଼ି ତଥାଗତ-ବିଜୟଙ୍କ ସମ୍ପର୍କ କେତେ ନିଘଞ୍ଚ ଥିଲା ତାହା ଜାଣିନାହାନ୍ତି । ୧୯୯୦ରେ ତଥାଗତ ବାବୁ ଢେଙ୍କାନାଳ ସଦର ବିଧାନସଭା ଆସନରୁ ବିଜୟୀ ହୋଇଥିଲେ । ୧୯୯୮ରେ ସେ ଢେଙ୍କାନାଳରୁ ପ୍ରଥମ ଥର ସାଂସଦ ହୋଇଥିଲେ । କିନ୍ତୁ ୧୯୯୯ରେ ସେ ହାରି ଯାଇଥିଲେ । ଇତିମଧ୍ୟରେ ବିଜେଡ଼ି ରାଜନୀତି କଡ଼ ଲେଉଟାଇଥିଲା । ନବୀନ ବାବୁ ବିଜୟ ବାବୁଙ୍କୁ ବିଦା କରିଦେଇଥିଲେ । ସେପଟେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତଥାଗତ ଶତପଥି ବି ବିଦା ହୋଇଥିଲେ । ପରେ ବିଜୟ ମହାପାତ୍ର ଗଢ଼ିଥିବା ଓଡ଼ିଶା ଗଣ ପରିଷଦରେ ତଥାଗତ ଥିଲେ ମହାସଚିବ । ଅବଶ୍ୟ ୨୦୦୪ରେ ସେ ବିଜେଡ଼ିକୁ ଫେରି ପୁଣି ଢେଙ୍କାନାଳରୁ ସାଂସଦ ହୋଇଥିଲେ । ଖାଲି ସେତିକିନୁହେଁ ମହାକାଳପଡ଼ାରେ ଯେତେବେଳେ ବିଜୟ ଓ ଅତନୁ ଲଢ଼େଇ ଚାଲିଥିଲା, ସେତେବେଳେ ତାଙ୍କ ଅଫିସ୍‌ର ଜଣେ ସାମ୍ବାଦିକ ଅତନୁଙ୍କ ସହ ରହିଥିଲେ । ଯେଉଁଥିପାଇଁ ସେ ତାଙ୍କୁ ବିଦା କରିଦେଇଥିଲେ । ବିଜୟଙ୍କ ସହ ତାଙ୍କର ଯେତେବେଳେ ନିଘଞ୍ଚ ସମ୍ପର୍କ ଥିଲା, ସେତେବେଳେ ବିଜୟ ବିଜୁ ଲିଗାସୀ ଥିଲେ ନା ବେଲୁ ଲିଗାସୀ ? ତଥାଗତ ଉତ୍ତର ରଖନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ଲୋକେ ପଚାରୁଛନ୍ତି ।



# ଓଡ଼ିଶା ନାଗରିକ ମଞ୍ଚ

ଏସନ ଅପ୍ରେଲ ୧୭ ଭାରି ଚର୍ଚ୍ଚାରେ ଥିଲା। ବିଜୁ ଜନତା ଦଳ ପ୍ରଥମ ଥର ପାଇଁ ବିଜୁଙ୍କ ଶ୍ରାଦ୍ଧବାର୍ଷିକୀକୁ ପ୍ରବାଦ ପୁରୁଷ ଦିବସ ଭାବେ ପାଳନ କରିଥିଲା। ସେପଟେ ଅନେକ ଦିନ ପରେ ବିଜୁପ୍ରେମୀ ଏକାଠି ହୋଇ 'ଓଡ଼ିଶା ନାଗରିକ ମଞ୍ଚ' ଗଢ଼ିଛନ୍ତି। ଏହି ମଞ୍ଚ ଅଣରାଜନୈତିକ। ଏହା ରାଜନୈତିକ ଦଳ ନୁହେଁ ବୋଲି ଆବାହକ ବିଜୟ ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦିଲ୍ଲୀପ ରାୟ କହିଲେ ବି ଏହା ବିଶ୍ୱାସଯୋଗ୍ୟ ନୁହେଁ। ମଞ୍ଚ ଆଳରେ ପୁରୁଣା ଜନତା ଦଳର ନେତାମାନେ ଏକାଠି ହୋଇଛନ୍ତି। କିଛି ନେତାଙ୍କୁ ନବୀନ ଧୋକ୍କା ଦେଇଛନ୍ତି, ଆଉ କିଛି ନେତାଙ୍କୁ କୋଣଠେସା କରିଦେଇଛନ୍ତି। ଅର୍ଥାତ୍ ରାଜନୀତିକ ଭବିଷ୍ୟତ ପାଇଁ ସେମାନେ ସବୁ ଯୋଡ଼ି ହୋଇଯାଇଛନ୍ତି।

ଓଡ଼ିଶା ନାଗରିକ ମଞ୍ଚର ଆବାହକ ହେଉଛନ୍ତି ଦିଲ୍ଲୀପ ରାୟ, ବିଜୟ ମହାପାତ୍ର ଓ ସୌମ୍ୟରଞ୍ଜନ ପଟ୍ଟନାୟକ। ଏହି ତିନି ନେତାଙ୍କ ସହ ନବୀନଙ୍କ କିଭଳି ସମ୍ପର୍କ ତାହା ସମସ୍ତେ ଜାଣନ୍ତି। ବିଜୟ ଓ ଦିଲ୍ଲୀପ ବିଜେଡ଼ି ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ନବୀନ ସରକାର ଗଢ଼ିବାର ମାତ୍ର କିଛି ମାସ ମଧ୍ୟରେ ଦୁଇ ନେତାଙ୍କ ସହ ସେମାନଙ୍କ ଅନୁଗତମାନଙ୍କୁ କୋଣଠେସା କରି ଦିଆଗଲା। ସୌମ୍ୟରଞ୍ଜନଙ୍କୁ କିଭଳି ହଇରାଣ କରାଗଲା ତାହା ବି ଓଡ଼ିଶା ଦେଖିଛି। ଗିରଫ ପର୍ଯ୍ୟନ୍ତ କଥା ଯାଇଥିଲା। ବିଜେଡ଼ି କଥା ନମାନିଥିଲେ, ସମ୍ବାଦ-କନକ ଅବସ୍ଥା ବି ସଂଗୀନ ହୋଇଯାଇଥାʼନ୍ତା।

ବାର୍ତ୍ତା ଯାଇଥିଲା। ଯାହାର ଅନୁକୂଳ ପ୍ରଭାବ ଓଡ଼ିଶା ରାଜନୀତିରେ ପଡ଼ିଥିଲା। ବିଜେଡ଼ି-ବିଜେପି ମେଣ୍ଟ ୧୯୯୮ ଲୋକସଭା ନିର୍ବାଚନରେ ୧୬ ଆସନ ପାଇଥିଲା। ଏହାପରେ ରାଜ୍ୟ ରାଜନୀତିରେ ବିଜେଡ଼ିର ଦବଦବା ଆରମ୍ଭ ହୋଇଯାଇଥିଲା। ବିଜୁଙ୍କ ପୁଅ ନବୀନ ବାବୁଙ୍କୁ ନେଇ ଅନେକ ସତ ମିଛ କାହାଣୀ ବି ବିଜେଡ଼ି ନେତାମାନେ ଶୁଣାଇଲେ। ଧିରେଧିରେ ସେ ଓଡ଼ିଆ ଶିଖିଯିବେ ବୋଲି ବାର୍ତ୍ତା ଦିଆଗଲା। ଏହିପରି ଭାବେ ବିଜେଡ଼ିର ସଫଳତା ଗାଡ଼ି ଆଗକୁ ଆଗକୁ ମାଡ଼ିଚାଲିଲା। ବିଜେଡ଼ି ମଜବୁତ୍ ହେବାରୁ ବିଜୁବାବୁଙ୍କ କ୍ରେଜ୍ ବଢ଼ିଗଲା। କାହିଁକିନା ବିଜୁବାବୁଙ୍କ ନାଁରେ ଦଳ ଗଢ଼ା ହୋଇଥିବାରୁ ଯୋଜନାରେ ବିଜୁଙ୍କ ଛାପ ରହିଲା। ବିଜୁଙ୍କ ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ସରକାର ଓ ଦଳ ଧୂମଧାମରେ ପାଳନ କଲେ। ଫଳରେ ସାରା ଓଡ଼ିଶା ବିଜୁମୟ ହୋଇଗଲା। ୨୦୦୦ରୁ ଲଗାତର ୨୦୨୪ ପର୍ଯ୍ୟନ୍ତ ବିଜେଡ଼ି ସରକାର ଥିବାରୁ ବିଜୁଙ୍କ ଚମକ ସେମିତି ହିଁ ରହିଥିଲା। ଯଦି ମଝିରେ ବିଜେଡ଼ି ହାରି ଯାଇଥାʼନ୍ତା ତେବେ ବିଜୁଙ୍କ ଚମକ ବି ଫିକା ପଡ଼ି ଯାଇଥାʼନ୍ତା। ସେଥିପାଇଁ ଆମେ ଉଲ୍ଲେଖ କରିଛୁ ବିଜୁଙ୍କ ପାଇଁ ବିଜେଡ଼ି, ବିଜେଡ଼ି ପାଇଁ ବିଜୁ। ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଜୁ କିଭଳି ଅପସରି ଯାଉଛନ୍ତି ଆମେ ତାହାର ନଜିର ଦେଖିବାକୁ ପାଉଛୁ।

## ଏ ଲଢ଼େଇର କାରଣ କʼଣ ଓ ଏଥିପାଇଁ କିଏ ଦାୟୀ ?

ଏ ଲଢ଼େଇର କାରଣ ହେଉଛି ୨୦୨୪। ଯଦି ଚବିଶରେ ବିଜେଡ଼ି ହାରିନଥାʼନ୍ତା ତେବେ ଲିଗାସୀ ଲଢ଼େଇର ଚିହ୍ନବର୍ଣ୍ଣ ବି ନଥାʼନ୍ତା। ଏକା ମାଧିଆ ବାଇଶି ଫଳ ଭାବେ ନବୀନ ବାବୁ ହିଁ ରାଜ କରିଥାʼନ୍ତେ। ହେଲେ ଚବିଶରେ ବିଜେଡ଼ି ହାରିଗଲା। ଯାହାକି ନବୀନଙ୍କ ଦ୍ୱାରା ଅପମାନିତ ହୋଇଥିବା ନେତାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଥିଲା। ତଥାପିବି ବିଜୁ ଲିଗାସୀ ଝଡ଼ ଆରମ୍ଭ ହୋଇନଥାʼନ୍ତା। କିନ୍ତୁ ବିଜେଡ଼ିରେ ଭିକେ ପାଣ୍ଡିଆନଙ୍କ କୋଟେରୀ ଶକ୍ତିଶାଳୀ ଥିବାବେଳେ ସେ ହିଁ ଆଗାମୀ ଦିନରେ ବିଜେଡ଼ି କଥା ବୁଝିବେ ବୋଲି ବାର୍ତ୍ତା ଯିବାରୁ ଆଜି ଏଭଳି ସ୍ଥିତି ସୃଷ୍ଟିହୋଇଛି। କାଲି ପାଣ୍ଡିଆନ୍‌ଙ୍କୁ ନବୀନ ବିଜେଡ଼ି ଦାୟିତ୍ୱ ଦେବେ କି ନାହିଁ ତାହା ଅଲଗା କଥା, ଏଥିରେ ସତ କେତେ ମିଛ କେତେ ତାହାର ହିସାବ ତ ସମୟ କରିବ, କିନ୍ତୁ ନବୀନ ବାବୁଙ୍କ ରଣନୀତି ଏମିତି ଏକ ଦିଗକୁ ହିଁ ଇସାରା କରିଥିଲା। ରାଜନୀତିରେ ବେଳେବେଳେ କିଛି ନ୍ୟାରେଟିଭ୍ ଲୋକଙ୍କ ମନରେ ଏମିତି ବସା ବାନ୍ଧିଯାଏଯେ, ତାହାକୁ ବାହାର କରିବା କଷ୍ଟକର। କିନ୍ତୁ ବିଜେଡ଼ିର ଅନେକ ନେତା ଓ କର୍ମୀଙ୍କ ମନରେ ଏମିତି ଏକ ଦ୍ୱନ୍ଦ୍ୱ ବସା ବାନ୍ଧିଥିଲେବି ନବୀନ ବସା ଭାଙ୍ଗିବାର ବାଟ ବାହାର କରିନଥିଲେ। ବରଂ ୨୦୨୪ରୁ ୨୦୨୬ ମଧ୍ୟରେ ନବୀନଙ୍କ ଅନେକ ନିଷ୍ପତ୍ତି ସେହି ଚର୍ଚ୍ଚାକୁ ସିଦ୍ଧ କରିଥିଲା। ଦଳରେ ସବୁକିଛି ଠିକ୍ ଚାଲୁନଥିଲେବି ବିଧାୟକମାନେ ସିନା ନୀରବରେ ବସିରହିଲେ ହେଲେ ହାରି ଯାଇଥିବା ନେତା ବା ଟିକେଟ୍ ପାଇନଥିବା ନେତା ମଉକା ଦେଖି ପାଣ୍ଡିଆନଙ୍କୁ ଟାର୍ଗେଟ କରିବାରେ ହେଳା କଲେନାହିଁ। ସେମାନଙ୍କ ମଧ୍ୟରୁ ନବୀନ କେତେକଙ୍କୁ ନିଲମ୍ବିତ କଲେ, ଆଉ କେତେକଙ୍କୁ କୋଣଠେସା କରିଦେଲେ। ନିଲମ୍ବିତ ଓ କୋଣଠେସା ହୋଇଥିବା ନେତାମାନେ ଧରିନେଲେ, କାଲି ବିଜେଡ଼ି ସରକାରକୁ ଆସିଲେବି ନବୀନ ସେମାନଙ୍କୁ କ୍ଷମା କରିବେନି। ତେଣୁ ବେଳ ଥାଉଥାଉ ବନ୍ଧ ବାନ୍ଧିବାକୁ କିଛି ନେତା ଯୋଜନା କରିଥିଲେ। କିଛି ନେତା ବିଜେପି ମୁହାଁ ହୋଇଥିବାବେଳେ ଆଉ କେତେକ ନୀରବରେ ବସି ସ୍ଥିତି ପରଖିଥିଲେ।

ବିଜେଡ଼ିର ବିଧାୟକ ଓ ନେତାଙ୍କ ମନରେ କୁହୁଳୁଥିବା ଅସନ୍ତୋଷକୁ ପରଖିଥିଲେ ବିଜୟ ମହାପାତ୍ର। ସେପଟେ ଦିଲ୍ଲୀପ ରାୟଙ୍କ ସହ କେନ୍ଦ୍ରୀୟ ବିଜେପି ନେତାଙ୍କର ଭଲ ସମ୍ପର୍କ ରହିଥିଲା। ଦିଲ୍ଲୀପ-ବିଜୟ ଏକାଠି ହୋଇ ବିଜୁ ଲିଗାସୀ ଜାଲରେ ବଡ଼ ବଡ଼ ମାଛଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ପ୍ରାୟ ଦି ଡଜନ ନେତାଙ୍କ ଉପରେ ଜାଲ ପଡ଼ିଥିବାବେଳେ ପ୍ରଥମ ଖେପାରେ ୮ ବିଧାୟକ ସେମାନଙ୍କ ପଟକୁ ଆସି ଯାଇଛନ୍ତି। ସେପଟେ ବିଜୟ-ଦିଲ୍ଲୀପ ସକ୍ରିୟ ହେବାପରେ ବିଜେଡ଼ିରୁ କୋଣଠେସା ହୋଇଥିବା ଅନେକ ନେତା ତାଙ୍କ ସହ ଯୋଡ଼ି ହୋଇଗଲେ। କିଛି ବିଜେଡ଼ି ନେତା ବାହାରୁ ରହିବି ଓଡ଼ିଶା ନାଗରିକ ମଞ୍ଚକୁ ସହଯୋଗ କରିବାରେ ହେଳା କରୁନାହାନ୍ତି। କାଲିକି କାଲି ଯଦି ପାଣ୍ଡିଆନ କିମ୍ବା ତାଙ୍କ କୋଟରୀ ଦଳରେ ବେଶୀ ସକ୍ରିୟ ରୁହନ୍ତି ତେବେ ଓଡ଼ିଶା ନାଗରିକ ମଞ୍ଚରେ ଭିଡ଼ ବଢ଼ିଲେ ଆଶ୍ଚର୍ଯ୍ୟ ହେବାର ନାହିଁ।



# କାହିଁକି ବିଜୁବାବୁଙ୍କ ନାଁରେ ହୋଇଥିଲା ଭିଜିଲାନ୍ସ ମାମଲା ?

## ନିଜ ଆକାଉଣ୍ଟକୁ ନେଇଥିଲେ ଦଳ ଟଙ୍କା !

ସମ୍ପ୍ରତି ବିଜୁଙ୍କ ନାଁରେ ହୋଇଥିବା ଭିଜିଲାନ୍ସ ମାମଲାକୁ ନେଇ ଚର୍ଚ୍ଚା ଜୋରଧରିଛି । ବିଜୁଙ୍କ ନାଁରେ ଭିଜିଲାନ୍ସ ମାମଲା କରିବାକୁ ବିଜୁଙ୍କ ସହଯୋଗୀ କୁଆଡ଼େ ଷଡ଼ଯନ୍ତ୍ର କରିଥିଲେ । ଯେଉଁଥିପାଇଁ କିଏ କୁହନ୍ତି ବିଜୁବାବୁ ପ୍ରଧାନମନ୍ତ୍ରୀ ହୋଇପାରିଲେନି ତ ଆଉ କିଏ କୁହନ୍ତି ବିଜୁବାବୁ ମନ୍ତ୍ରୀ ହୋଇପାରିଲେନି । ହେଲେ ବିଜୁଙ୍କ ନାଁରେ କାହିଁକି ଓ କେଉଁ ଅଭିଯୋଗକୁ ନେଇ ଭିଜିଲାନ୍ସ ମାମଲା ହୋଇଥିଲା ଓ ଏହାର ଉଦ୍ଦେଶ୍ୟ କ'ଣ ଥିଲା ତାହା ଅନେକଙ୍କୁ ଜଣାନାହିଁ । ୧୯୯୫ରେ ସୋସିଆଲ ମିଡ଼ିଆ ଓ ଟିଭି ନଥିବାରୁ ସେନେଇ ସର୍ଚ୍ଚ ଇଞ୍ଜିନରେ ତଥ୍ୟ ବି ମିଳିପାରୁନାହିଁ । ପେପର କଟିଂ ମିଳିବା ବି କଷ୍ଟକର । କିନ୍ତୁ ଏହି ଭିଜିଲାନ୍ସ ମାମଲା ସଂକ୍ରାନ୍ତରେ ତଥ୍ୟ ପାଇଁ ଆମେ ଗୁଗୁଲ ସର୍ଚ୍ଚ କରିବା ପରେ ଇଣ୍ଡିଆ ଟୁଡ଼େରେ ୧୯୯୫ ନଭେମ୍ବର ୩୦ରେ ପ୍ରକାଶିତ ଏକ ଆଲେଖ୍ୟ ଆମ ନଜରକୁ ଆସିଲା । ଜାଭେଦ ଏମ୍ ଅନସାରୀ ନାମକ ଜଣେ ଖ୍ୟାତିସମ୍ପନ୍ନ ସାମ୍ବାଦିକ ଏହି ରିପୋର୍ଟଟି ତିନି ଦଶନ୍ଧି ତଳେ ପ୍ରସ୍ତୁତ କରିଥିଲେ ।

### ଜାନକୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା କରିଥିଲେ ବିଜୁ

୧୯୯୦ ଦଶକରେ ଓଡ଼ିଶାରେ ତାମିଲନାଡୁ ଷ୍ଟାଇଲ୍ ରାଜନୀତି ଦେଖିବାକୁ ମିଳିଥିଲା । କରୁଣାନିଧି ଓ ଜୟଲଳିତା ଯେମିତି କରୁଥିଲେ ଠିକ୍ ସେମିତି । ଅବଶ୍ୟ ତାମିଲନାଡୁ ଭଳି ରାତିଅଧିଆ ଗିରଫଦାରୀର ନଜିର ନଥିଲା । ବିଜୁବାବୁ କ୍ଷମତାକୁ ଆସିବା ପରେ ଜାନକୀ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ ଓ ରାମଚନ୍ଦ୍ର ଉଲାକା ପ୍ରମୁଖଙ୍କ ବିରୋଧରେ ଭିଜିଲାନ୍ସ ମାମଲା କରିଥିଲେ । ସେମାନେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା । ଜାନକୀବାବୁ ୫.୪୯ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରଖିଥିବା ନେଇ ଅଭିଯୋଗ ଆସିଥିଲା । କିନ୍ତୁ ଅଭିଯୋଗ ତଥ୍ୟ ଭିତ୍ତିକ ନଥିବାରୁ ଚାର୍ଜସିଟ୍ ଦୁର୍ବଳ ହୋଇଥିବା ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା ।

### ବିଜୁଙ୍କ ବିରୋଧରେ ଜାନକୀଙ୍କ ମାମଲା

କାହିଁକି ବିଜୁଙ୍କ ବିରୋଧରେ ହୋଇଥିଲା ଭିଜିଲାନ୍ସ ମାମଲା? ଏଭଳି ପ୍ରଶ୍ନର ଉତ୍ତର ହେଉଛି, ୧୯୯୦ରେ ସେ ମୁଖ୍ୟମନ୍ତ୍ରୀ ହେବାପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନାମରେ ମାମଲା କରିଥିଲେ । ଜାନକୀଙ୍କୁ ଦୁର୍ନୀତିଗ୍ରସ୍ତ ସଜାଇବାକୁ ବିଜୁ ସରକାର ଏଭଳି ଉଦ୍ୟମ କରିଥିଲେ । ତେଣୁ ଯେସାକୁ ତେସା ନ୍ୟାୟରେ ୧୯୯୫ରେ ଜାନକୀବାବୁ କ୍ଷମତାକୁ ଆସିବା ପରେ ବିଜୁ ଓ ତାଙ୍କର ଅନ୍ୟ ସହଯୋଗୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲେ । ଏହି ମାମଲାଟି ଦଳୀୟ ପାଣ୍ଠି ହେରଫେରକୁ ନେଇ ହୋଇଥିଲା । ଏନେଇ ବିଜୁବାବୁଙ୍କ ପ୍ରତିକ୍ରିୟା ଥିଲା, ବିନାଶ କାଳେ ବିପରୀତ ବୁଦ୍ଧି ।

ବିଜୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା ପାଇଁ ବଳ ଦେଇଥିଲା କଳିଙ୍ଗ ବାଲିଯାତ୍ରା । ୧୯୯୩ରେ ବିଜୁବାବୁ କଳିଙ୍ଗ ବାଲିଯାତ୍ରାର ଆୟୋଜନ କରିଥିଲେ । ଇଣ୍ଡୋନେସିଆକୁ ଏକ ପ୍ରତିନିଧି ଦଳ ପଠାଇବା ପାଇଁ ବିଜୁବାବୁ ନିଜେ ଅର୍ଥ ଯୋଗାଡ଼ କରିଥିଲେ । ସେତେବେଳେ ୪୧ ହଜାର ଡଲାର ବା ପ୍ରାୟ ୧୨.୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରତିନିଧିମଣ୍ଡଳୀ ପଠାଯାଇଥିଲା । ପରେ ସେ ଆଉ ୧୪ ଲକ୍ଷ ଟଙ୍କା ଇଣ୍ଡୋନେସିଆ ପ୍ରତିନିଧିଙ୍କୁ ଓଡ଼ିଶା ଆଣିବା ପାଇଁ ଖର୍ଚ୍ଚ କରିଥିଲେ । ତେବେ ଭିଜିଲାନ୍ସ ବିଭାଗର ଦାବି ଥିଲା ବିଜୁବାବୁ ବେଆଇନ୍ ଭାବେ ଡଲାର କିଣିଥିଲେ । ଆରବିଆଇ ଗାଇଡ଼ଲାଇନ୍ ଅନୁସାରେ ଡଲାର କୋଟା କେବଳ ଓଟିଡ଼ିସି ପାଇଁ ଉଦ୍ଦିଷ୍ଟ ଥିଲା । ଯାହାକି ପରେ ବିଜୁଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା । ଅବଶ୍ୟ ବିଜୁବାବୁ ଏହାକୁ ଖଣ୍ଡନ କରି କହିଥିଲେଯେ, ସରକାର ତାଙ୍କ ଉପରକୁ କାଦୁଅ ଫିଙ୍ଗୁଛନ୍ତି । ଭୁବନେଶ୍ୱର ଆରବିଆଇ ଅଫିସ୍ ଏହି ଆକାଉଣ୍ଟକୁ କ୍ଲିୟର କରି ଦେଇଥିଲେ ବୋଲି ବିଜୁବାବୁ କହିଥିଲେ ।

ତେବେ ଏହି ଟଙ୍କା କେଉଁଠୁ ଆସିଥିଲା ତାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା । ସେହିପରି ବିଜୁବାବୁ ୧୯୮୯ ଓ ୧୯୯୩ରେ ୪.୨୬ ଲକ୍ଷ ଟଙ୍କାର ସମ୍ପତ୍ତି ଦର୍ଶାଇଥିଲେ । ବିଜୁବାବୁଙ୍କର ବାପୁଜୀନଗରରେ ଥିବା ଆହ୍ଲାବାଦ ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା । ଯେଉଁଥିରେ ବ୍ୟାଙ୍କ ପକ୍ଷରୁ ଦର୍ଶାଯାଇଥିଲାଯେ, ଏହି ଟଙ୍କା ବିଜୁଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ଆସିନଥିଲା । ଏହା ଜନତା ଦଳର ଆକାଉଣ୍ଟରୁ ଆସିଥିଲା । ଯାହାକି ବିଜୁବାବୁ ପାର୍ଟି ପ୍ରେସିଡ଼େଣ୍ଟ ଭାବେ ପରିଚାଳନା କରୁଥିଲେ । କିନ୍ତୁ ସେତେବେଳେ ବିଜୁବାବୁ ଜନତା ଦଳର ରାଜ୍ୟ ସଭାପତି ନଥିଲେ । ୧୯୯୧ରୁ ସେ ଦାୟିତ୍ୱରୁ ଓହରି ଯାଇଥିଲେ । ବିଜୁବାବୁ ସେ ଆକାଉଣ୍ଟ ପରିଚାଳନା କରିବେ ବୋଲି ଦଳର କୌଣସି ରିଜୋଲ୍ୟୁସନ ବି ହୋଇନଥିଲା ।

ଏହି ଅଭିଯୋଗ ନେଇ ବିଜୁବାବୁ କହିଥିଲେ ଯେ, ଅଶୋକ ଦାସ ମୋ ପରେ ସଭାପତି ହୋଇଥିଲେ । ମୁଁ ସଭାପତି ଥିବାବେଳେ ସେହି ଆକାଉଣ୍ଟ ପରିଚାଳନା କରୁଥିଲି । ପରେ ଅଶୋକ ଓ ମୁଁ ଆକାଉଣ୍ଟ ଯୁଗ୍ମ ଭାବେ ପରିଚାଳନା କରିଥିଲୁ । ଏନେଇ ଭିଜିଲାନ୍ସର ପ୍ରଶ୍ନ ଥିଲା, ସରକାରୀ କାର୍ଯ୍ୟକ୍ରମରେ ବିଜୁବାବୁ ଦଳୀୟ ଟଙ୍କା ବ୍ୟବହାର କରିବା ଉଚିତ୍ ଥିଲା କି ? ସେହିପରି ୧୯୯୦ ମାର୍ଚ୍ଚ ୩ରେ ବିଜୁବାବୁ ଦଳୀୟ ଆକାଉଣ୍ଟରୁ ୧୭ ଲକ୍ଷ ଟଙ୍କା ନିଜ ଆକାଉଣ୍ଟକୁ ନେଇ ଯାଇଥିଲେ ।

ଏନେଇ ବିଜୁବାବୁ କହିଥିଲେଯେ, ମୁଁ ପାର୍ଟି କାମ ପାଇଁ ସବୁବେଳେ ଟଙ୍କା ଖର୍ଚ୍ଚ କରେ । ୧୯୮୯ ଅକ୍ଟୋବରରେ ଆକାଉଣ୍ଟ ଖୋଲିବା ବେଳେ ସେଥିରେ ୧୯୭୦୦ ଟଙ୍କା ଥିଲା । କିନ୍ତୁ ୧୯୯୫ ଅଗଷ୍ଟ ବେଳକୁ ତାହା ୧୭.୭୩ କୋଟି ଟଙ୍କାରେ ପହଁଚିଥିଲା ।

ଅନ୍ୟ ଏକ ଦିଗଟି ଥିଲା, ୧୯୯୫ ଫେବୃଆରୀ ୯ରେ ଦଳ ଆକାଉଣ୍ଟରେ ୪୭ ଲକ୍ଷ ଟଙ୍କା, ଫେବୃଆରୀ ୧୦ରେ ୧୦ ଲକ୍ଷ ଟଙ୍କା ଓ ଫେବୃଆରୀ ୧୧ରେ ୪୦.୫ ଲକ୍ଷ ଟଙ୍କା ଜମା ହୋଇଥିଲା । କିନ୍ତୁ ପ୍ରତିଦିନ ଏତେ ଟଙ୍କା ଆସୁଥିଲା କେଉଁଠୁ ?

ଏହି କଥା ଜାଣିବା ପରେ ଜାନକୀବାବୁ ଚତୁର ବୁଦ୍ଧି ଖେଳାଇଥିଲେ । ସେ ବିଜୁଙ୍କ ଉପରେ ରେଡ଼ କି ଗିରଫଦାରୀକୁ ନଯାଇ କେବଳ ବଦନାମ କରିବାକୁ ଚାହିଁଥିଲେ ।






## ସୀମା ପୁନଃ ନିର୍ଦ୍ଧାରଣ ବିଲ୍

# ଚିଠିରେ ଖେଳ କଲେ ନବୀନ

ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ନେଇ ଜାତୀୟ ରାଜନୀତି ହଟଚମଟ ଥିବା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଭୂମିକା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି । ଏଥିରେ ଓଡିଶା କ୍ଷତିଗ୍ରସ୍ତ ହେଉଥିବାରୁ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଗୋଟିଏ ପରେ ଗୋଟିଏ ଚିଠି ଲେଖି ଚାଲିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ବିଧାନସଭାରେ ସଂକଳ୍ପ ପାରିତ କରିବାକୁ ପରାମର୍ଶ ଦେଇଥିବା ବେଳେ ପରେ ରାଜ୍ୟର ସବୁ ସାଂସଦମାନଙ୍କୁ ଚିଠି ଲେଖିଛନ୍ତି । କେନ୍ଦ୍ରରେ ଓଡିଶାର ଅଧିକାର ପାଇଁ ସଂସଦ ଭିତରେ ଓ ବାହାରେ ସ୍ୱର ଉଠାଇବାକୁ ଅନୁରୋଧ କରିଛନ୍ତି ।

ଉଭୟ ରାଜ୍ୟ ଓ ଦେଶର ସ୍ୱାର୍ଥ ସମ୍ବଳିତ ଏତେ ବଡ ପ୍ରସଙ୍ଗରେ ମୋଦୀ ସରକାରଙ୍କ ପଦକ୍ଷେପକୁ ବିରୋଧ କରିବା ନବୀନ ପଟ୍ଟନାୟକଙ୍କ ପାଇଁ ପ୍ରଥମ ବୋଲି କୁହାଯାଉଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନବୀନ ପଟ୍ଟନାୟକଙ୍କର ସରକାର ନାହିଁ । ଲୋକସଭାରେ ବିଜେଡିର ଜଣେ ବି ସାଂସଦ ନାହାନ୍ତି । ଅଥଚ ଓଡିଶାର ସ୍ୱରକୁ ନବୀନ ବାବୁ ତାଙ୍କ ଚିଠି ମାଧ୍ୟମରେ ସାରା ଭାରତବର୍ଷରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି । ଏହା ତାଙ୍କର ବ୍ୟକ୍ତିତ୍ୱ ଓ ନେତୃତ୍ୱର ଆକର୍ଷଣ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚନା ହେଉଛି ।

ନବୀନ ତାଙ୍କ ଚିଠିରେ ମହିଳା ସଂରକ୍ଷଣକୁ ସୀମା ନିର୍ଦ୍ଧାରଣଠାରୁ ଅଲଗା କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ମହିଳାଙ୍କୁ ସମ୍ମାନ ଓ ମହିଳାଙ୍କ ପାଇଁ ଆସନ ସଂରକ୍ଷଣରେ ବିଜେଡିର ଦୃଷ୍ଟିଭଙ୍ଗୀକୁ ସେ ପୁଣି ସ୍ପଷ୍ଟ କରିଛନ୍ତି । ବିଜେଡି ସବୁବେଳେ ଏହାକୁ ସମର୍ଥନ କରି ଆସିଛି । ମାତ୍ର ୧୩୧ ତମ ସଂଶୋଧନ ବିଲ୍‌କୁ ନେଇ ସେ ଆପତ୍ତି ଉଠାଇଛନ୍ତି । ଏହାହେଲେ ଓଡିଶାର ରାଜନୈତିକ ପ୍ରତିନିଧିତ୍ୱ ଓ ଅର୍ଥନୈତିକ ସ୍ୱାର୍ଥ ଦୁର୍ବଳ ହୋଇଯିବ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି ।

ଲୋକସଭାରେ ବର୍ତ୍ତମାନ ୫୪୩ ଆସନରୁ ଓଡିଶାର ୨୧ଟି ଆସନ ଥିବାରୁ ପ୍ରତିନିଧିତ୍ୱ ହାର



ରହିଛି ୩.୯% । ପ୍ରସ୍ତାବିତ ସମ୍ବିଧାନ ସଂଶୋଧନରେ ଓଡିଶାର ଆସନ ୨୯କୁ ବଢୁଥିବାରୁ ପ୍ରତିନିଧିତ୍ୱ ହାର ୩.୪% କୁ କମିବ । କ୍ଷତି ସହିବାକୁ ଥିବା ୬ ରାଜ୍ୟ ଭିତରେ ଓଡିଶା ରହିବ । ଏଥିରେ ଆମ ରାଜ୍ୟକୁ ପଏଣ୍ଟ ୫ କ୍ଷତି ସହିବାକୁ ହେବ । ନୂଆ ନିୟମରେ ଅଧିକ ଜନସଂଖ୍ୟା ଥିବା ରାଜ୍ୟ ଫାଇଦାରେ ରହିବେ । ଜନସଂଖ୍ୟା ନିୟନ୍ତ୍ରଣରେ ଉଦାହରଣ ସୃଷ୍ଟି କରିଥିବା ଓଡିଶା କେନ୍ଦ୍ରୀୟ ଅନୁଦାନ ଓ ପାଣ୍ଠି ପାଇବାରେ ଅବହେଳିତ ହେବ ।

ଓଡିଶା ଲୋକେ ଆପଣଙ୍କୁ ସଂସଦକୁ ପଠାଇଛନ୍ତି । ସୁତରାଂ ଓଡିଶାର ସ୍ୱାର୍ଥ ବିରୋଧୀ ଏହି କାର୍ଯ୍ୟ କରିବାକୁ ଆପଣମାନେ ଦିଅନ୍ତୁ ନାହିଁ ବୋଲି ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି ନବୀନ । ସେଥିରେ ଲେଖିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳର ବିକାଶ ସତ୍ତ୍ୱେ ଓଡିଶା ଦଣ୍ଡିତ ନହେଉ । ରାଜ୍ୟର ଅର୍ଥନୈତିକ ଓ ରାଜନୈତିକ ସ୍ୱାର୍ଥକୁ ଆପଣମାନେ ସୁରକ୍ଷା ଦିଅନ୍ତୁ । କେନ୍ଦ୍ରରେ ଓଡିଶା ଅଧିକାର ପାଇଁ ସଂସଦ ଭିତରେ ଓ ବାହାରେ ସ୍ୱର ଉଠାନ୍ତୁ । ଏହା ନ ହେଲେ ସାଢ଼େ ୪ କୋଟି ଓଡିଆଙ୍କ ଆଶା, ଭବିଷ୍ୟତ ପୀଢ଼ି ପ୍ରତି ବଡ ଅନ୍ୟାୟ ହେବ ବୋଲି ନବୀନ ସତର୍କ କରାଇଥିଲେ ।

## ନବୀନ ଭ୍ରମ ସୃଷ୍ଟି କରୁଛନ୍ତି: ଧର୍ମେନ୍ଦ୍ର



ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବା ଭଳି ଏକ ସକାରାତ୍ମକ ସମ୍ଭାବନାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାହିଁକି ଭୟଭୀତ ଓ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି, ତାହା ବୁଝାପଡୁନାହିଁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଧର୍ମେନ୍ଦ୍ର ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତି ଆଶ୍ଚର୍ଯ୍ୟଜନକ । ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ତିଆରି କରୁଛି । ସେ ଯେଉଁ କଥା କହିଛନ୍ତି, ତାହା ଭିତ୍ତିହୀନ ଓ ହାସ୍ୟାସ୍ପଦ ଭଳି ମନେହେଉଛି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି ।

ଗତ ୧୬ ଓ ୧୭ ତାରିଖରେ ସଂସଦରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଚର୍ଚ୍ଚା କରିବା ସମୟରେ, ଦେଶର ସବୁ ରାଜ୍ୟ ସମେତ ଓଡ଼ିଶାର ପ୍ରତିନିଧିତ୍ୱ ୫୦ ପ୍ରତିଶତ ବଢ଼ିବ ବୋଲି ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି । ଏହା ଫଳରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ରୁ ବୃଦ୍ଧି ପାଇ ୩୨ ହେବ ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ତତ୍‌ସହିତ ଅତିକମରେ ୧୧ ଜଣ ମହିଳା ନୂଆ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ । ବର୍ତ୍ତମାନ ଦେଶର ଲୋକସଭା ସିଟ୍ ଆଧାରରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୮୭% ଥିବାବେଳେ ଏହି ଆସନ ବଢ଼ିଲେ ୩.୯୧ ପ୍ରତିଶତକୁ ବୃଦ୍ଧି ପାଇବ । ଯାହାଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ଭୂମିକା ସୁଦୃଢ଼ ହେବ । ନବୀନ ବାବୁଙ୍କ ଭଳି ବ୍ୟକ୍ତିଙ୍କ ଠାରୁ ସତ୍ୟ ଅଧାରିତ ତଥ୍ୟ ଅପେକ୍ଷା କରାଯାଏ । ମିଥ୍ୟା ପ୍ରଚାର ନକରି ତଥ୍ୟଭିତ୍ତିକ ସତ୍ୟ ପ୍ରକାଶ କଲେ ଓଡ଼ିଶାର ପ୍ରକୃତ ହିତ ସାଧିତ ହେବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି ।

ODIA WEEKLY GARVIT ODIA









# 'କେବଳ ଓଡ଼ିଶା' ଆଲୋଚନାଚକ୍ର





















# ନେତା ଭିଡ଼ାଟଣା, କର୍ମୀ ବାଟବଣା





**ନିମାପଡାରୁ ବସନ୍ତ ନାୟକ**

ନିମାପଡ଼ା ରାଜନୀତିରେ ଏବେ ଚାଲିଛି ଛକାପଞ୍ଝା ରାଜନୀତି । ଦୁଇ ପ୍ରମୁଖ ଦଳ ବିଜେଡ଼ି ଓ ବିଜେପିରେ ଏମିତି ଅବସ୍ଥା ଦେଖିବାକୁ ମିଳିଛି । ନେତାମାନେ ଦଳର ସଂଗଠନକୁ ମଜବୁତ କରିବା ଅପେକ୍ଷା ନିଜ କୋଟରୀକୁ ମଜବୁତ କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି । ଯାହାକୁ ନେଇ କର୍ମୀ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି । ବିଶେଷକରି ବ୍ରାଣ୍ଡେଡ଼ ଦଳୀୟ କର୍ମୀମାନେ ଅଡୁଆରେ ପଡ଼ିବା ସ୍ୱାଭାବିକ । ଦଳ ଯାହାକୁ ଦାୟିତ୍ୱ ଦେଇଛି, ତାଙ୍କ ସହ ଯିବା ନା ନିଜ ମନପସନ୍ଦର ନେତାଙ୍କ ସହ ରହିବା, ତାହାକୁ ନେଇ ସେମାନେ ଦୋଛକିରେ ପଡ଼ିଛନ୍ତି । ଯାହାଫଳରେ କର୍ମୀ କର୍ମୀ ମହଲରେ ମାନ ମନାନ୍ତର ଓ ମନା ଫଟାଫଟି ଆରମ୍ଭ ହୋଇଯାଇଛି । ଗାଁ ଗାଁରେ ଉଭୟ ବିଜେଡ଼ି ଓ ବିଜେପିରେ ଏମିତି ବାଦିପାଲା ଚାଲିଥିବା ଦେଖିବାକୁ ମିଳୁଛି ।

**ନିମାପଡ଼ା ରାଜନୀତି**

ପ୍ରଥମେ ଆସିବା ବିଜେପି ଆଡକୁ । ଗୋଟିଏ ପଟେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆରପଟେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ । ନିର୍ବାଚନ ପରେପରେ ଉଭୟଙ୍କ ମଧ୍ୟରେ ମନ ଫଟାଫଟି ଆରମ୍ଭ ହୋଇଯାଇଛି । ଏବେ ଉଭୟ ଉଭୟଙ୍କ ମଧ୍ୟରେ ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି । ଆଜି ପ୍ରଭାତୀ ମ୍ୟାଡ଼ାମ କେଉଁ ଏକ ଗାଁରେ ସମୀରଙ୍କୁ ଲକ୍ଷ୍ୟ କରି ଦି ପଦ ନାଛି ଦେଲେଣି ତ କାଲି ଆଉ କେଉଁ ଗାଁରେ ସମୀର ବି ଶବ୍ଦବାଣ ଛାଡୁଛନ୍ତି । ସମୀରଙ୍କୁ ନିଲମ୍ବିତ କରିବା ପାଇଁ ପ୍ରଭାତୀ ଭରପୂର ଉଦ୍ୟମ କରୁଥିଲେବି ସଫଳ ହେଉନାହାନ୍ତି । ପ୍ରଭାତୀଙ୍କୁ ଏବେ ଦଳ ଆଉ ଏକ ଝଟକା ଦେଇଛି । ସମୀର ସିଧାସଳଖ ଭାବେ ପ୍ରଭାତୀଙ୍କୁ ଟାର୍ଗେଟ୍ କରି ଓପନ ପେଣ୍ଡାଲରେ ବର୍ଷୁଥିବାରୁ, ପ୍ରଭାତୀ ଭାବିଥିଲେ ସମୀରଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ନେବ । କିନ୍ତୁ ସମୀରଙ୍କୁ ଦଳ କାର୍ଯ୍ୟକାରିଣୀ କମିଟିରେ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରଖିଛି । ଯେଉଁ ପଦବୀରେ ବିଜେପିର ଅନେକ ଟାଣୁଆ ନେତା ସାମିଲ୍ ହୋଇଛନ୍ତି, ସେହି କମିଟିରେ ସମୀର ଅଛନ୍ତି । ଅତଏବ ସମୀରଙ୍କ ପଛରେ ଆଉ ଏକ ବଡ଼ ଶକ୍ତି ରହିଥିବା କହିଲେ ଭୁଲ୍ ହେବନାହିଁ । ତେବେ ସେ କିଏ ? ଏଯାଏଁ ଏହାର ଟେର ମିଳୁନାହିଁ । ସବୁଠାରୁ ବଡ଼ କଥା ହେଉଛି, ସମୀର-ପ୍ରଭାତୀ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଥିଲେବି ସେମାନଙ୍କ ମଧ୍ୟରେ ସୁମନ୍ୱୟ ବା ବୁଝାମଣା ପାଇଁ ରାଜ୍ୟ ନେତୃତ୍ୱ ବି ଉଦ୍ୟମ କରୁନାହାନ୍ତି । ଯଦି ମନମୋହନ-ମୋହନ-ମାନସ ଚାହିଁବେ ତେବେ ଗୋଟିଏ ଓଳିରେ ବି କଳି ସରିଯିବ । କିନ୍ତୁ ଦଳ କାହିଁକି କଳି ସମାଧାନକୁ ଗୁରୁତ୍ୱ ଦେଉନାହିଁ ତାହା ଜଣାପଡୁନାହିଁ । ଉପମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିଜେଡ଼ିରୁ ଆସିଥିବା ଜଣେ ନେତା ବର୍ଷୁଛନ୍ତି, ଅଥଚ ରାଜ୍ୟ ନେତା ଚୁପ୍ ରହୁଛନ୍ତି, ଏହାକୁ ନିମାପଡାର ମୂଳ ବିଜେପି କାର୍ଯ୍ୟକର୍ତ୍ତା ସହଜରେ ଗ୍ରହଣ କରିପାରୁନାହାନ୍ତି । ଅବଶ୍ୟ ସମୀରଙ୍କ ସହ ମୂଳ ବିଜେପି କର୍ମୀ ନାହାନ୍ତି । ବିଜେଡ଼ି ଅମଳରେ ତାଙ୍କ ସହ ଥିବା କର୍ମୀମାନେ ହିଁ ରହିଛନ୍ତି । ତେବେ ସେ ଯାହାହେଉନା କାହିଁକି, ପ୍ରଭାତୀ-ସମୀରଙ୍କ କଳି ଦଳର ପଞ୍ଚାୟତସ୍ତରୀୟ ନେତାଙ୍କୁ ଅକଳରେ ପକାଇଦେଇଛି ।

ଏବେ ଟିକେ ବିଜେଡ଼ି ରାଜନୀତି ଉପରେ ନଜର ପକାଇଦେବା । ୨୦୨୪ରେ ଦିଲ୍ଲୀପ ନାୟକ ବିଜେଡ଼ିକୁ ଆସି ଟିକେଟ୍ ପାଇଥିଲେ । ଯେଉଁଥିପାଇଁ ରାଗିପାଚି ସମୀର ବିଜେପିକୁ ପଳାଇଲେ । ହେଲେ ଦିଲ୍ଲୀପ ଠକେଇ ମାମଲାରେ ଜେଲରେ ରହିଥିବାରୁ ନିମାପଡ଼ା ବିଜେଡ଼ି ବାଟବଣା ହୋଇଯାଇଥିଲା । ନବୀନ ବାବୁ ତ ଦାଗୀ ନେତାଙ୍କୁ ସହଜରେ ଗ୍ରହଣ କରିପାରନ୍ତନି । ତେଣୁ ଶିକ୍ଷାବିତ୍ ସୁବ୍ରତ ଛାଟୋଇଙ୍କୁ ଦଳ ଦାୟିତ୍ୱ ଦେଇଛି । ନୂଆ ନୂଆ ମଙ୍ଗ ଧରିଥିବାରୁ ସୁବ୍ରତଙ୍କୁ ବିରୋଧ ହେବା ସ୍ୱାଭାବିକ । କେତେକ ପୁରୁଣା ବିଜେଡ଼ି ନେତା ଓ ଦିଲ୍ଲୀପଙ୍କ ସମର୍ଥକମାନେ ସୁବ୍ରତଙ୍କୁ ସହଯୋଗ କରୁନାହାନ୍ତି । ଅବଶ୍ୟ ପୂର୍ବାପେକ୍ଷା ବିରୋଧ କମିବାରେ ଲାଗିଛି । ତଥାପିବି ଏହି ଛକାପଞ୍ଝା, ଟଣାଓଟରା ପଞ୍ଚାୟତ ନିର୍ବାଚନ ବେଳେ ବି ଚାଲିବ । ଫଳରେ ବିଜେପିରେ ଭାଇନା ଓ ଅପା ଲଢ଼େଇ ଏବଂ ବିଜେଡିରେ ଦିଲ୍ଲୀପ ଓ ସୁବ୍ରତ ଶୀତଳଯୁଦ୍ଧ ପଞ୍ଚାୟତ ରାଜନୀତିକୁ ସରଗରମ କରିଦେବ । ଅନେକ ପଞ୍ଚାୟତରେ ଚତୁର୍ମୁଖୀ ପ୍ରତିଯୋଗିତା ହେବା ନେଇ ବି ଅନୁମାନ କରାଯାଉଛି ।

# ଅନୁଗୁଳରେ 'କୋଶଳା' କଳି

## ମଞ୍ଚ ଉପରେ ବିଜେଡ଼ି-ବିଜେପି ମୁହାଁମୁହିଁ

କୋଶଳାରେ କୋଇଲା ପରିବହନ ନେଇ ଆନ୍ଦୋଳନ ଚାଲିଥିବାବେଳେ ଅନୁଗୁଳ ମହୋତ୍ସବ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡ଼ି-ବିଜେପି ମୁହାଁମୁହିଁ ହୋଇଛନ୍ତି । ଯାହାକି ଜିଲ୍ଲା ରାଜନୀତିକୁ ସରଗରମ କରିଦେଇଛି ।

### କିଏ କ'ଣ କହିଥିଲେ ?

#### ବ୍ରଜକିଶୋର ପ୍ରଧାନ, ତାଳଚେର ବିଧାୟକ



ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିର୍ଦ୍ଦେଶ ଅନୁସାରେ, ପ୍ରଥମେ କୋଲ୍ କରିଡ଼ର ଓ ରେଳ କରିଡ଼ର ତିଆରି ହେବାପରେ କୋଇଲା ପରିବହନ ହେବା କଥା । କିନ୍ତୁ, ପ୍ରଶାସନ ସହଯୋଗରେ ଅନ୍ୟାୟ ଭାବେ କୋଇଲା ପରିବହନ ପାଇଁ ଉଦ୍ୟମ ହେଲା । ଯେଉଁଥିପାଇଁ କୋଶଳାରେ ବିରୋଧ ହେଉଛି । ପ୍ରାୟ ୧୦ ଲକ୍ଷ ଟନ୍ କୋଇଲା ପରିବହନ ହୋଇପାରୁନି । ୨୯ ହଜାର ଟ୍ରିପ୍ କୋଇଲା ପରିବହନ ହେବ । ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।



#### ଅଶୋକ ମହାନ୍ତି, ପାଲଲହଡ଼ା ବିଧାୟକ

ମୋହନ ମାଝୀ କର୍ପୋରେଟ୍ ହାଉସର ମୁଖ୍ୟମନ୍ତ୍ରୀ ନୁହଁନ୍ତି । ସେ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଏ ସମସ୍ୟା ୨୧ ମାସର ନୁହେଁ, ୫୦ ବର୍ଷର । ପୂର୍ବ ସରକାର କାହିଁକି ସମସ୍ୟାର ସମାଧାନ କରି ନ ଥିଲେ ।

#### ମୁଖ୍ୟମନ୍ତ୍ରୀଙ୍କ ଉତ୍ତର



କୋଶଳା ଆନ୍ଦୋଳନ ବିଷୟ ମୁଁ ଜାଣିଛି । ସମସ୍ୟାର ସମାଧାନ ପାଇଁ ୫ ଥର ବୈଠକ କରିଛି । ସମାଧାନ ବି ହୋଇଥିଲା । ଏହାସତ୍ତ୍ୱେ ଆଉ ଥରେ ଆନ୍ଦୋଳନ କରାଇବା ନେଇ କାହାର ହାତ ଅଛି ? କିଏ ସେ ବ୍ୟକ୍ତି, ଯିଏ ଷଡ଼ଯନ୍ତ୍ର କରି ଆନ୍ଦୋଳନକୁ ଆହୁରି ବଢ଼େଇଲେ ? କିଏ ସେ ବ୍ୟକ୍ତି, ଯିଏ ସେମାନଙ୍କୁ ଜେଲ୍‌ରେ ଭର୍ତ୍ତି କରାଇଲେ ? ଆଗାମୀ ଦିନରେ ତାହାର ବି ଫଇସଲା ହେବ । ଯେଉଁମାନେ ଷଡ଼ଯନ୍ତ୍ର କରି ଅନୁଗୁଳ ଜିଲ୍ଲାକୁ ପଛକୁ ଠେଲିବାକୁ ଚାହୁଁଛନ୍ତି, ସେମାନଙ୍କୁ ଜନସାଧାରଣ ଚିହ୍ନନ୍ତୁ ବୋଲି ମୋହନ ଆହ୍ୱାନ ଦେଇଛନ୍ତି ।

# ଇଣ୍ଡିଆ ମେଣ୍ଟରେ ବିଜୁ ଜନତା ଦଳ !



ରାଜ୍ୟରାଜନୀତିର ପରିବର୍ତ୍ତିତ ଦୃଶ୍ୟପଟ୍ଟ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ଆଭିମୁଖ୍ୟ ବଦଳାଇ ଦେଇଛି । ୨୦୦୯ ରୁ ସମଦୂରତ୍ୱର ଫିତା ପକାଇ ମାପିଚୁପି ଗୋଟିଚାଳନା କରୁଥିଲେ ନବୀନ ବାବୁ । ସେତେବେଳେ ସରକାରରେ ଥିବାରୁ ନବୀନ କେଉଁ ମେଣ୍ଟକୁ ନଯାଇ ଏକାକୀ ରହିବାକୁ ପସନ୍ଦ କରିଥିଲେ । ଏଇ ଚାଲ୍ ବି ବେଶ୍ କାମ କରିଥିଲା । ୨୦୦୯ରେ କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ୨୦୧୪ରୁ ବିଜେପି ସରକାର ରହିଛି । କିନ୍ତୁ ୨୦୨୪ରେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ନବୀନ ବାବୁ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ ହୋଇଛନ୍ତି । ଇଣ୍ଡି ମେଣ୍ଟ ସହ ପରୋକ୍ଷରେ ରହି ସେ ବିଜେପିକୁ ଘେରିବାର ରଣନୀତି କରିଛନ୍ତି । ଇଣ୍ଡିଆ ମେଣ୍ଟ ବୈଠକରେ ବିଜେଡ଼ିର ଯୋଗଦାନ ପରେ ନବୀନଙ୍କ ରଣନୀତିକୁ ସ୍ପଷ୍ଟ ହୋଇଛି ।

୨୦୨୪ରେ ବିଜେଡ଼ି ସହ ମେଣ୍ଟ କରିବାକୁ ଆଗ୍ରହ ପ୍ରକାଶ କରିଥିଲା ବିଜେପି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ନବୀନ ବାବୁ ବି କଥା ହୋଇଥିଲେ । ବିଜେଡ଼ି ଓ ବିଜେପି ମେଣ୍ଟ ହୋଇଥିଲେ, ୨୦୨୪ରେ ପୁଣି ନବୀନ ସରକାର ଗଢ଼ିବା ଥୟ ଥିଲା । କିନ୍ତୁ ବିଜେପି ୨୦୦୯ର ରାଗ ୨୦୨୪ରେ ଶୁଝାଇ ଦେଇଥିଲା । ୨୦୦୯ରେ ଶେଷ ମୁହୂର୍ତ୍ତରେ ବିଜେପି ସହ ଦଳ ମେଣ୍ଟ ଭାଙ୍ଗି ଦେଇଥିଲା । ଆସନ ବୁଝାମଣା ଅଙ୍କ ଛିଣ୍ଡିନଥିଲା । ଲାଲକୃଷ୍ଣ ଆଡ଼ଭାନୀ ଓ ଚନ୍ଦନ ମିତ୍ରଙ୍କ ଅନୁରୋଧ ବି ନବୀନ ରଖିନଥିଲେ । ବିଜେଡ଼ିର ଏଭଳି ଅକସ୍ମାତ ନିଷ୍ପତ୍ତି, ବିଜେପିର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଅନୁରୂପ ଭାବେ ୨୦୨୪ରେ ବିଜେଡ଼ି ନିଶ୍ଚିତ ମେଣ୍ଟ ହେବବୋଲି ଆଶା ବାନ୍ଧିଥିଲା । ଭିକେ ପାଣ୍ଡିଆନ୍ ଏଭଳି ରଣନୀତି କରିଥିଲେ । କିନ୍ତୁ ଦିଲ୍ଲୀରେ ଆସନ ବୁଝାମଣା ବେଳେ ବିଜେପି ବି ଝଟକା ଦେଲା । ଏହି ମେଣ୍ଟ ଚର୍ଚ୍ଚା ବିଜେଡ଼ିର ବ୍ୟାପକ କ୍ଷତି ଘଟାଇଛି । ସହଜେ ତ ୨୦୧୯ ରୁ ସଂସଦରେ ବିଜେପି ସରକାରଙ୍କୁ ଅଧିକାଂଶ ସମୟରେ ବିଜେଡ଼ି ସମର୍ଥନ କରୁଥିବାରୁ ଅନେକ ଫିଡ଼ିକି ଯାଇଥିଲେ । ଆଉ ୨୦୨୪ ପାଇଁ ବିଜେଡ଼ିର ନେତା ଓ କର୍ମୀମାନେ ପ୍ରସ୍ତୁତ ଥିବା ସମୟରେ, ନବୀନଙ୍କ ମେଣ୍ଟ ନିଷ୍ପତ୍ତି ସମସ୍ତଙ୍କୁ ଅପ୍ରସ୍ତୁତ କରି ଦେଇଥିଲା । ବିଜେପି ବା ମୋଦିଙ୍କ ପ୍ରତି ନବୀନଙ୍କ ଡର ରହିଥିବା ନେଇ ବାର୍ତ୍ତା ପ୍ରସାରିତ ହୋଇଥିଲା । ଅବଶ୍ୟ ରାଜନୀତିକ ସମୀକ୍ଷକଙ୍କ ମତରେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ, ବିଜେପି ପ୍ରତି ଦଳର ଅନୁରକ୍ତି ହିଁ ବିଜେଡ଼ି ପତନର ଅନ୍ୟତମ କାରଣ । ତଥାପିବି ନବୀନଙ୍କର ବିଜେପି ପ୍ରୀତି କମିନଥିଲା । ସରକାରରୁ ଯିବା ପରେ ପ୍ରାୟ ବର୍ଷେକାଳ ନବୀନ ବାବୁ ସ୍ଥିର କରିପାରିନଥିଲେ, ବିଜେପିକୁ ବିରୋଧ କରିବେ ନା ନାହିଁ । ଏମିତିକି କେବଳ ମୋହନ ସରକାରଙ୍କୁ ବିରୋଧ ଭିତରେ ବିଜେପି ସୀମିତ ରହିଥିଲା । ମୋଦି ସରକାରଙ୍କ ବିରୋଧରେ ପଦୁଟିଏ ବି ମୁହଁ ଖୋଲିନଥିଲେ । ରାଜ୍ୟସଭା ନିର୍ବାଚନ ବେଳେ ନବୀନ ବାବୁ ଭାବିଥିଲେ, ନିଶ୍ଚିତ ଭାବେ ଚତୁର୍ଥ ଆସନ ପାଇଁ ମୋଦି-ଶାହାଙ୍କର କଲ୍ ଆସିବ । ଅତୀତରେ ବି ଏହାର ନଜିର ରହିଥିଲା । ହେଲେ ବିଜେପି ତା'ପୂର୍ବରୁ ବିଜେଡ଼ିକୁ ଭାଙ୍ଗିବା ପାଇଁ ଯୋଜନା କରିଦେଇଥିଲା । ରାଜ୍ୟସଭା ନିର୍ବାଚନର ତିନି ମାସ ପୂର୍ବରୁ ଦିଲ୍ଲୀପଙ୍କ ସହ ଶାହ କଥା ହୋଇ ଗୋଟିଚାଳନା କରିଥିଲେ । ବିଜେପି ଠାରୁ କଲ୍ ନଆସିବା ପରେ ନବୀନ ନିଶ୍ଚିତ ହୋଇଯାଇଥିଲେ ବିଜେପି ସହ ସମ୍ପର୍କ ରଖିବା ବୋକାମୀ ହେବ । ତେଣୁ ସେ କଂଗ୍ରେସ ସହ ମିଶି ଚତୁର୍ଥ ପ୍ରାର୍ଥୀ ଦେଲେ । ଉଭୟ ଦଳର ଭୋଟ୍ ବି ଯଥେଷ୍ଟ ଥିଲା । ଅଙ୍କ ଗଣିତରେ ପ୍ରଥମେ ଦିଲ୍ଲୀପ ରାୟ ବହୁ ପଛରେ ରହିଥିଲେ । ହେଲେ ଉଭୟ ଦଳର ୧୧ ବିଧାୟକ କ୍ରସ୍ ଭୋଟିଂ କରିବା ପରେ ନବୀନଙ୍କ ଚେତା ପଶିଲା । କଂଗ୍ରେସ ସହ ମେଣ୍ଟ ଅବା ଆସନ ବୁଝାମଣା ହିଁ ୨୦୨୯ ପାଇଁ ପ୍ରମୁଖ ବିକଳ୍ପ ବୋଲି ନବୀନ ଅଙ୍କ କଷିବା ପରେ ଏବେ ମୋଦି ସରକାରଙ୍କୁ ଘେରିବାରେ ଲାଗିଛନ୍ତି । ଏପରିକି ଇଣ୍ଡିଆ ମେଣ୍ଟ ଅର୍ଥାତ୍ ବିରୋଧୀ ଦଳଗୁଡ଼ିକର ମେଣ୍ଟ ସହ ସେ ସମ୍ପର୍କ ବଢ଼ାଇବା ଆରମ୍ଭ କରିଛନ୍ତି । ମହିଳା ସଂରକ୍ଷଣ ଓ ସୀମା ପୁନଃ ନିର୍ଦ୍ଧାରଣ ସଂଶୋଧନ ବିଲ୍‌କୁ ବିରୋଧୀ ଦଳଗୁଡ଼ିକ ବିରୋଧ କରୁଥିବାବେଳେ ସେମାନଙ୍କ ବୈଠକରେ ବିଜେଡ଼ିର ରାଜ୍ୟସଭା ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ବି ଉପସ୍ଥିତ ରହିଥିଲେ । ଫଳରେ ନବୀନ ଇଣ୍ଡିଆ ମେଣ୍ଟ ସହ ସମ୍ପର୍କ ମଜବୁତ୍ କରୁଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ ।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ବାରବାର ଗଣମାଧ୍ୟମରେ ବିଜେଡ଼ି-କଂଗ୍ରେସର ମେଣ୍ଟ ସମ୍ଭାବନା ନେଇ କହୁଛନ୍ତି । ଅତଏବ ସେ କିଛି ସୁରାକ୍ ପାଇଥିବା କୁହାଯାଇପାରିବ । ଏମିତିକି ରାଜ୍ୟସଭାର ଚତୁର୍ଥ ପ୍ରାର୍ଥୀ ପ୍ରସଙ୍ଗରେ ମଲ୍ଲିକାର୍ଜୁନ ଖଡ଼ଗେ ନିଜେ ନବୀନଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ।

ଅପରପକ୍ଷରେ ନବୀନଙ୍କ ଏମିତି ରଣନୀତିକୁ କାଉଣ୍ଟର କରିବାକୁ ବିଜେପି ବି ଗୋଟିଚାଳନା କରିଛି । ଦିଲ୍ଲୀପ ରାୟ, ବିଜୟ ମହାପାତ୍ରଙ୍କ ସହଯୋଗରେ ଦଳ ବିଜେଡ଼ିରେ ବିଭାଜନ କରିବାର ଉଦ୍ୟମ ଆରମ୍ଭ କରିଦେଇଛି । ଦିଲ୍ଲୀପ ମଧ୍ୟ ରାଜ୍ୟସଭା ନିର୍ବାଚନ ବେଳେ ବିଜେଡ଼ିର ୮ ବିଧାୟକଙ୍କୁ ନିଜପଟକୁ ଆଣିବାରେ ସଫଳ ହୋଇଥିଲେ । ଆହୁରି ସାତ ଆଠ ବିଧାୟକ ମଧ୍ୟ ତାଙ୍କ ସହ ଯୋଗସୂତ୍ରରେ ଥିବା ଦିଲ୍ଲୀପ କହିଛନ୍ତି । ପଞ୍ଚାୟତ ନିର୍ବାଚନରେ ଯଦି ବିଜେଡ଼ି ବିଫଳ ହୁଏ ତେବେ ଆହୁରି ଅନେକ ବିଧାୟକ ଦିଲ୍ଲୀପ-ବିଜୟଙ୍କ ଖୁଆଡ଼କୁ ଆସିବା ନିଶ୍ଚିତ ।

EVOREACH INTRODEC PVT LTD
(MANUFACTURE & WHOLESALER)
JIGAR SAHOO
Chief Operating Officer (COO)
7978400750, 9658636343
info@evorium.co.in/ evointrodec@gmail.com
Plot no-128, Pahala, Opp. of Utkal Heights,
Bhubaneswar, Odisha - 752101
www.evorium.co.in
Evorium

Deals with Ply-Wood, Doors, Colour, Hardware, Glass
Materials & Aluminium
"Price is what you pay. Value is
what you get"

# ବିଜେପିକୁ ଚିନ୍ତା ମମତାଙ୍କ ଦକ୍ଷିଣ ଗଡ଼

# ୧୧୧ ପ୍ରେସିଡ଼େନ୍ସି ଆସନ କାହାର ?

ପଶ୍ଚିମବଙ୍ଗର ଦକ୍ଷିଣ ଭାଗ ହେଉଛି ମମତାଙ୍କ ଗଡ଼ । ସେହି ଗଡ଼ରେ ଯଦି ପଦ୍ମଫୁଲ ଫୁଟିବ, ତାହେଲେ ବିଜେପିର ସ୍ୱପ୍ନ ପୂରଣ ହେବ । ନଚେତ୍ ଦଳକୁ ପୁଣି ଥରେ ଝଟକା ଲାଗିବ । ଯାହାକୁ ରାଜନୀତିକ ସମୀକ୍ଷକମାନେ ପ୍ରେସିଡ଼େନ୍ସି ଆସନ ବୋଲି ଅଭିହିତ କରୁଛନ୍ତି । ପ୍ରେସିଡ଼େନ୍ସି ଡିଭିଜନରେ ୧୧୧ ଆସନ ଥିବାବେଳେ ମମତା ସେଠାରେ ଏକପାଖିଆ ବିଜୟ ହାସଲ କରି ଆସୁଛନ୍ତି । କୋଲକାତା, ନଦିଆ, ହାୱଡ଼ା, ନର୍ଥ ୨୪ ପ୍ରଗଣା ଓ ସାଉଥ ୨୪ ପ୍ରଗଣା ଜିଲ୍ଲା ଏହି ଅଞ୍ଚଳ ଭିତରେ ଆସୁଛି ।



୨୦୧୧ରୁ ପ୍ରେସିଡ଼େନ୍ସି ଡିଭିଜନରେ ତୃଣମୂଳକଂଗ୍ରେସର ଦବଦବା ଦେଖିବାକୁ ମିଳୁଛି । କୋଲକାତା ନର୍ଥ ଓ ସାଉଥରେ ୧୪ ବିଧାନସଭା ଆସନ ଥିବାବେଳେ, ହାୱଡ଼ାରେ ୧୬ ଆସନ, ନଦିଆରେ ୧୭ ଆସନ, ନର୍ଥ ପ୍ରଗଣାରେ ୩୩ ଆସନ ଓ ସାଉଥ ପ୍ରଗଣାରେ ୩୧ ଆସନ ରହିଛି । ଏହି ୧୧୧ ଆସନ ମଧ୍ୟରୁ ୨୦୨୧ରେ ଟିଏମସି ୯୬ ଆସନରେ ଜିତିଥିବାବେଳେ ବିଜେପି ଖାତାକୁ ମାତ୍ର ୧୪ ଆସନ ଆସିଥିଲା ।

ଟିଏମସିର ଏକପାଖିଆ ବିଜୟ ପଛରେ କୁଖ୍ୟାତି ବି ରହିଛି । ଏହିସବୁ ଅଞ୍ଚଳରେ ଟିଏମସି ରିଗିଂ ଓ ଫଲସ ପୋଲିଂ କରେ ବୋଲି କୁହାଯାଏ । କିନ୍ତୁ ଏବେ ଏସଆଇଆର ପରେ ନକଲି ଭୋଟର କଟି ଯାଇଛନ୍ତି । ରିଗିଂ ରୋକିବାକୁ ବି ପର୍ଯ୍ୟାପ୍ତ କେନ୍ଦ୍ରୀୟ ବଳ ମୁତୟନ କରାଯାଇଛି । ତେଣୁ ବିଜେପି ବିଜୟର ଆଶା ବାନ୍ଧିଛି । ପ୍ରେସିଡ଼େନ୍ସି ଅଞ୍ଚଳରେ ବିଜେପି ଅଧା ଆସନ ନେବାରେ ସକ୍ଷମ ହେବବୋଲି ଦଳ ପକ୍ଷରୁ ଦାବି କରାଯାଉଛି । ଅପରପକ୍ଷରେ ଏସଆଇଆରରେ ମାତୁଆ ଅଞ୍ଚଳରେ ଅଧିକ ଭୋଟର କଟିଥିବାରୁ ଟିଏମସି ବି ଫାଇଦା ନେବା ଯୋଜନାରେ ରହିଛି । କାହିଁକି ମାତୁଆ ଭୋଟରମାନେ ବିଜେପିକୁ ହିଁ ଭୋଟ୍ ଦେଇଥା'ନ୍ତି । ୨୦୨୧ର ଅଙ୍କ କହୁଛିଯେ, ବିଜେପି ପ୍ରେସିଡ଼େନ୍ସି ଡିଭିଜନର ନଦିଆରେ ବିଜେପିକୁ ପଛରେ ପକାଇ ପାରିଥିଲା । ସେଠାରେ ବିଜେପି ୯ ଆସନ ପାଇଥିବାବେଳେ ନର୍ଥ ୨୪ ପ୍ରଗଣାରେ ବାକି ୫ ଆସନ ପାଇଥିଲା । କିନ୍ତୁ ଅନ୍ୟ ଜିଲ୍ଲାରେ ଖାତା ଖୋଲିପାରିନଥିଲା ।

୨୦୨୪ ଲୋକସଭା ନିର୍ବାଚନରେ ବି ବିଜେପି ନଦିଆ ଅଞ୍ଚଳରେ ଭଲ ପ୍ରଦର୍ଶନ କରିଛି । କିନ୍ତୁ ବାକି ଅଞ୍ଚଳରେ ଟିଏମସି ଠାରୁ ପଛରେ ପଡ଼ିଯାଇଥିଲା । ଗାଏମୋଟ୍ ଦେଖିଲେ ୨୦୨୪ ଲୋକସଭା ନିର୍ବାଚନ ବେଳ ପ୍ରେସିଡ଼େନ୍ସି ଡିଭିଜନରେ ବିଜେପି ୨୧ ବିଧାନସଭା ଆସନରେ ଓ ଟିଏମସି ୯୦ ବିଧାନସଭା ଆସନରେ ଲିଡ୍ ନେଇଥିଲା । ଏହି ପ୍ରେସିଡ଼େନ୍ସି ଅଞ୍ଚଳରୁ ହିଁ ପଶ୍ଚିମବଙ୍ଗର ୫ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହୋଇଥିଲେ । ସିପିଏମର ଜ୍ୟୋତି ବସୁ ପ୍ରଥମେ ବାରାନଗର ଓ ପରେ ନର୍ଥ ୨୪ ପ୍ରଗଣାର ସାତଗଛିଆରୁ ଲଢୁଥିଲେ । ସିପିଆଇଏମର ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ପ୍ରଥମେ କାଶୀପୁର-ବେଲଗାଛିଆରୁ ଲଢୁଥିଲେ । ପରେ ସେ ଯାଦବପୁରରୁ ଲଢ଼ି ବାଜିମାତ୍ କରିଥିଷଲ । ମମତା ବାନାର୍ଜୀ ମଧ୍ୟ ଭବାନୀପୁର, ହାୱଡ଼ା ଭଳି ସ୍ଥାନରୁ ଲଢ଼ିଆସୁଛନ୍ତି ।

## ବେଗୁନିଆ ରାଜନୀତି

# ମାନସଙ୍କ ଶକ୍ତି ପ୍ରଦର୍ଶନ

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

ପଦ୍ମଫୁଲର ପାଞ୍ଚ ପାଖୁଡ଼ା ଭଳି ବେଗୁନିଆ ବିଜେପିରେ ବି ପାଞ୍ଚ ପାଖୁଡ଼ା ରହିଛି । ଗୋଟିଏ ପାଖୁଡ଼ା ହେଉଛନ୍ତି ପ୍ରଶାନ୍ତ ଜଗଦ୍ଦେବ । ବେଗୁନିଆରେ ବିଜେଡ଼ି ବିଧାୟକ ଥିବାରୁ ଅନେକ ନେତାଙ୍କ ସହ ଭଲ ସମ୍ପର୍କ ରହିଛି । ତେଣୁ ଅପରାଜିତା ଷଡ଼ଙ୍ଗୀଙ୍କ ଫାଷ୍ଟ ଚୟସ ହେଉଛନ୍ତି ଗଣେଶ । ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି ବି ଗାଁ ଗାଁ ବୁଲି ସଂଗଠନ କରୁଛନ୍ତି । ତେବେ ଅପରାଜିତାଙ୍କ ଗୁଡ଼ବୁକରେ ନଥିବାରୁ ଆଗଭଳି ଆଉ ଭିଡ଼ ଜମୁନାହିଁ । ସେପଟେ ଏତେ ପରିଶ୍ରମ କରିଥିଲେବି ୨୦୧୯ ଓ ୨୦୨୪ରେ ଟିକେଟରୁ ବଞ୍ଚିତ ଥିଲେ ଯତୀନ୍ ମହାନ୍ତି । କିନ୍ତୁ ଏବେ ସେ ରାଜ୍ୟ ଉପସଭାପତି । ବେଗୁନିଆରେ ବିଜେପି ବଢୁଥିବାରୁ ସେ ୨୦୨୯ ପାଇଁ ଅଙ୍କକଷି ଦମ୍ ଦେଖାଇବାରେ ଲାଗିଛନ୍ତି । ଏବେ ପ୍ରଶାସନିକ କଳ ଯତୀନଙ୍କ ଇସାରାରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ଗାଏମୋଟ୍ କହିଲେ ସେ ଆଜିକା ଦିନରେ ସବୁଠୁ ପାୱାରଫୁଲ୍ କହିଲେ ଭୁଲ୍ ହେବନାହିଁ । ସେହିପରି ପୂର୍ବରୁ ବିଜେଡ଼ିରେ ଆଶାୟୀ ଥିବା ବ୍ରଜ ସୁବୁଦ୍ଧି ଏବେ ବିଜେପିରେ ସଂଗଠନ ଆରମ୍ଭ କରିଛନ୍ତି । ଅପରପକ୍ଷରେ ଯୁବନେତା ମାନସ ବେହେରା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ କରିଛନ୍ତି । ବିଜେପି ଯୁବମୋର୍ଚ୍ଚା ଆଇଟି ସେଲ୍ର ପଦାଧିକାରୀ ହେବାପରେ ମାନସ ନିକଟରେ ବେଗୁନିଆରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଅକ୍ଷୟତୃତୀୟା ପୂର୍ବଦିନ ସେ ବେଗୁନିଆର ସାରୁଅରୁ ବୋଲଗଡ଼ର ଦିଘିରି ପର୍ଯ୍ୟନ୍ତ ଏକ ବାଇକ୍ ରାଲି ନେଇଥିଲେ । ବିଜେପିର ଭୋଟ୍ ବଢୁଥିଲେବି ପାଞ୍ଚ ନେତାଙ୍କ ପାଞ୍ଚ ମୁହଁ ଏବେ କର୍ମୀ ଓ ନେତାଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛି ।





# ଚର୍ଚ୍ଚାରେ ଦିଲ୍ଲୀପ ରାୟ



ଅନେକ ବର୍ଷ ପରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି ଦିଲ୍ଲୀପ ରାୟ। ହଠାତ୍ ତାଙ୍କର ଦବଦବା ବିଜେଡ଼ି ଓ ବିଜେପିରେ ବି ଆଲୋଡ଼ନ ସୃଷ୍ଟି କରିବା ସ୍ୱାଭାବିକ। ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ପ୍ରାର୍ଥୀ ହେବାପରେ ତାଙ୍କୁ ନେଇ ହରଦମ୍ ଚର୍ଚ୍ଚା ହେଉଛି। ବିଶେଷକରି ସେ ଜିତିବା ପରେ ଯେଉଁ ଟିପ୍ପଣୀ ଦେଇଥିଲେ ତାହା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଗଣମାଧ୍ୟମକୁ ସେ କହିଥିଲେଯେ, ତିନି ମାସ ତଳେ ସେ ଅମିତ ଶାହଙ୍କ ସହ କଥା ହୋଇଥିଲେ। ସେବେଠାରୁ ସେ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିଲେ। ଅର୍ଥାତ୍ ଦିଲ୍ଲୀପଙ୍କୁ ପ୍ରାର୍ଥୀ କରିବା ପଛରେ ଅମିତ ଶାହଙ୍କର ହାତ ରହିଛି। ଏବେ ଆଉ ଏକ ଫଟୋ ବି ବେଶ୍ ଭାଇରାଲ୍ ହେଉଛି। ସିଲିଗୁଡ଼ିର ମେଫେୟାର ଟିରିସୋର୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦିଲ୍ଲୀପଙ୍କ ଫଟୋ ଅନେକ କଥା କହୁଛି। ଦିଲ୍ଲୀପଙ୍କ ହାତ ଧରି ମୋଦି କଥା ହେଉଛନ୍ତି। ଅତଏବ ଶାହ ଓ ମୋଦିଙ୍କ ରଣନୀତିର ଦିଲ୍ଲୀପ ବି ଏବେ ଏକ ଅଂଶ ପାଲଟି ଯାଇଛନ୍ତି। ବିଶେଷକରି ବିଜେଡ଼ିର ୮ ବିଧାୟକ ଓ କଂଗ୍ରେସର ୩ ବିଧାୟକଙ୍କୁ ନିଜ ଆଡକୁ ଟାଣିଥିବାରୁ ମୋଦି-ଶାହ ଖୁସି ହୋଇଯାଇଛନ୍ତି। ଆଗାମୀ ଦିନରେ ବିଜେଡ଼ି-କଂଗ୍ରେସ ମେଣ୍ଟ ଯଦି ରାଜ୍ୟରେ ଶକ୍ତିଶାଳୀ ହୁଏ ତେବେ ବିଜେଡ଼ିକୁ ଭାଗଭାଗ କରିବାରେ ଦିଲ୍ଲୀପ ହିଁ ପ୍ରମୁଖ ଭୂମିକା ନେବେ। ରାଜ୍ୟସଭା ସାଂସଦ ଭାବେ ଶପଥ ନେବାର କିଛିଦିନ ପରେ ବିଜେଡ଼ି ନେତା, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦଙ୍କୁ ଏକାଠି କରି ସେ କେନ୍ଦ୍ରୀୟ ବିଜେପି ନେତାଙ୍କ ମନମୋହିଥିବା ଚର୍ଚ୍ଚା ହେଉଛି। ମୋଦି-ଶାହାଙ୍କ ସହ ତାଙ୍କର ସମ୍ପର୍କ ନିଘନ ହେବା ପଛରେ କ'ଣ ରହସ୍ୟ ରହିଛି ତାହା କିନ୍ତୁ କେହି ଠଉରାଇ ପାରୁନାହାନ୍ତି।

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA

## ନବୀନ ନନ୍ଦଙ୍କ ଦାବି ଗନ୍ଦିଆ (କପିଳାସ) ନିର୍ବାଚନ ମଣ୍ଡଳୀ



ଲୋକସଭା ଓ ବିଧାନସଭା ଆସନ ବୃଦ୍ଧି ନେଇ ମୋଦି ସରକାର ଉଦ୍ୟମ କରିଥିଲେବି ବିରୋଧୀଙ୍କ ବିରୋଧ ଯୋଗୁଁ ତାହା ସମ୍ଭବପର ହୋଇପାରିନି। ତଥାପିବି ୨୦୨୯ ପାଇଁ ଆହୁରି ସମୟ ଅଛି। ୨୦୨୭ ବେଳକୁ ଜନଗଣନା ତଥ୍ୟ ଆସିବ, ସରକାର ଚାହିଁଲେ ବି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇପାରିବେ ବ। ତେବେ ସେ ଯାହାହେଉନା କାହିଁକି ଆସନ ବୃଦ୍ଧିକୁ ନେଇ ବିଭିନ୍ନ ଅଞ୍ଚଳରେ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ଅନେକ ନେତା ଆସନ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁଛନ୍ତି। ଯାହାଫଳରେ ସେମାନଙ୍କୁ ଦଳୀୟ ଟିକେଟରେ ଲଢ଼ିବାର ସୁଯୋଗ ମିଳିପାରିବ।

ଏହି ପରିପ୍ରେକ୍ଷୀରେ ଏକଦା ଢେଙ୍କାନାଳର ଟାଣୁଆ ନେତା ଗନ୍ଦିଆ କପିଳାସ ନିର୍ବାଚନମଣ୍ଡଳୀ ପାଇଁ ଦାବି ଉଠାଇଛନ୍ତି। ତାଙ୍କ କହିବା କଥା ହେଉଛି, ୨୦୦୭ରେ ଚକ୍ରାନ୍ତପୂର୍ବକ ପୁରୁଣା ୧୧୯-ଗନ୍ଦିଆ ବିଧାନସଭା ନିର୍ବାଚନମଣ୍ଡଳୀକୁ ବିଲୁପ୍ତ କରାଯାଇ ତାହାକୁ ୫୫-ଢେଙ୍କାନାଳ ନିର୍ବାଚନମଣ୍ଡଳୀ ସହିତ ମିଶାଯାଇଥିଲା। ସେଥିସହିତ ପୁରୁଣା ଗନ୍ଦିଆ ନିର୍ବାଚନମଣ୍ଡଳୀର ୯ ଗ୍ରାମ ପଞ୍ଚାୟତକୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ସହିତ ଯୋଡ଼ାଯାଇଥିଲା। ଅଞ୍ଚଳର ଭୌଗୋଳିକ, ସାମାଜିକ ଓ ପ୍ରଶାସନିକ ପରିସ୍ଥିତିକୁ ଅବହେଳା କରି ଏମିତି କରାଯାଇଥିଲା। ଏନେଇ ସେତେବେଳେ ଦିଲ୍ଲୀରେ ନିର୍ବାଚନ କମିଶନ କାର୍ଯ୍ୟାଳୟ ଘେରାଉ କରିବା ସହିତ ସମ୍ବଲପୁରରେ ହୋଇଥିବା ଜନଶୁଣାଣିରେ ଆମ ମତ ରଖିଥିଲୁ, କିନ୍ତୁ ତାହା ଫଳପ୍ରଦ ହୋଇନଥିଲା।

ବର୍ତ୍ତମାନ ପୁନର୍ଗଠନ ପ୍ରକ୍ରିୟାରେ ଓଡ଼ିଶାରେ ଆହୁରି ସାଂସଦ ସିଟ ବୃଦ୍ଧି ଓ ପ୍ରାୟ ୬୩ଟି ନୂତନ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନର ସମ୍ଭାବନା ରହିଛି। ପ୍ରତ୍ୟେକ ନୂତନ ମଣ୍ଡଳୀ ପ୍ରାୟ ୨ ଲକ୍ଷ ଜନସଂଖ୍ୟାକୁ ଆଧାର କରି ଗଠିତ ହେବାର ପ୍ରସ୍ତାବ ଅଛି।

ଏହା ଆମ ପୁରୁଣା ଗନ୍ଦିଆ ନିର୍ବାଚନମଣ୍ଡଳୀକୁ ପୁନର୍ଗଠନ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ନବୀନ ନନ୍ଦ କହିଛନ୍ତି। ଗନ୍ଦିଆ ଅଞ୍ଚଳରେ ନୂତନ ଏନଏସି ଘୋଷଣା ହୋଇଛି, ଯାହା ପୁରୁଣା ପୋରୁହଖୋଜ ଓ ଗନ୍ଦିଆ ଗ୍ରାମ ପଞ୍ଚାୟତ ସହିତ ବିଧାରପୁର ଓ ମଠତେନ୍ତୁଳିଆ ଗ୍ରାମ ପଞ୍ଚାୟତର କିଛି ଅଂଶକୁ ମିଶାଇ ୧୬ଟି ୱାର୍ଡ ରେ ଗଠିତ ହୋଇଛି। ଏହାଛଡ଼ା, ବର୍ତ୍ତମାନ କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ଥିବା ବଣ ସିଂହ, ରଧାଦେଇପୁର, ତରଭା, ନୁଆଗାଁ, ସୋଗରପଶି, ଚାଉଳିଆ, ବରଦା, ଗେଙ୍ଗୁଟିଆ, ସାଙ୍କୁଲେଇ ଏବଂ ଢେଙ୍କାନାଳ ସଦର ବ୍ଲକର କାଇମାଟି, ବେଲଟିକିରି, ନାଗିଆପୋଶି, କାଙ୍କଡ ପାଳ, ଶୁଖାଇ କାଟେଣୀ ପଞ୍ଚାୟତକୁ ମିଶାଇ "ଗନ୍ଦିଆ (କପିଳାସ) ବିଧାନସଭା ନିର୍ବାଚନ ମଣ୍ଡଳୀ ଗଢ଼ିବାକୁ ସେ ଦାବି କରିଛନ୍ତି।

## ମିଡ଼ିଆ ଉପରେ ସୁଲତା ଖପ୍ପା



ଆଜିକା ଦିନରେ ବିଜେଡ଼ିର ଟାଣୁଆ ନେତ୍ରୀଙ୍କ ତାଲିକାରେ ପ୍ରମିଳା ମଲ୍ଲିକଙ୍କ ପରେ ଅଛନ୍ତି ରାଜ୍ୟସଭା ସାଂସଦ ସୁଲତା ଦେଓ। ନିକଟରେ ନବୀନ ବାବୁ ତାଙ୍କୁ ରାଜ୍ୟସଭା ସଂସଦୀୟ ଦଳର ଉପନେତା ଓ ମୁଖ୍ୟ ସଚେତକ ଦାୟିତ୍ୱ ବି ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ବି ତାଙ୍କର ବହୁ ଫଲୋଅରସ ଅଛନ୍ତି। ଦଳ ବିରୋଧରେ କେଉଁ ନେତା କି ମିଡ଼ିଆ କହିବା ମାତ୍ରେ ପ୍ରଥମେ ସୁଲତାଙ୍କ ବାକ୍ୟବାଣରେ ଘାଇଲା ହେବା ଥୟ। ବିଜେଡ଼ି ପାର୍ଟି ଅଫିସ ସାମ୍ବାଦିକ ସମ୍ମିଳନୀରେ ଯଦିଓ ସାମ୍ବାଦିକମାନଙ୍କୁ ବିସ୍କୁଟ୍ ଦିଆଯାଉଛି ତଥାପିବି ସେ ମିଡ଼ିଆକୁ ବିସ୍କୁଟ ମିଡ଼ିଆ କହି ଇଲେଇତି କରୁଛନ୍ତି। ଅବଶ୍ୟ ତାଙ୍କ ଯୁକ୍ତିର ଯଥାର୍ଥତା ରହିଛି। ଆଜିକାଲି ରାଜ୍ୟର କେତେକ ଆଗଧାଡ଼ିର ମିଡ଼ିଆ ମିଛ ପ୍ରଚାରର ଠିକା ନେଇଥିବା ଭଳି ଲାଗୁଛି। ବିଜେପିର ଆଇଟି ସେଲ୍ ଦାୟିତ୍ୱ ପ୍ରମୁଖ ମିଡ଼ିଆମାନେ ଯଦି ନେବେ ତେବେ ନିଶ୍ଚିତ ଭାବେ ବିସ୍କୁଟ ମିଡ଼ିଆ କୁହାଯିବ। ଏଇ ନିକଟରେ ସୁଲତା ଦର୍ଶାଇଥିଲେଯେ, ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇଲା ବୋଲି ମିଡ଼ିଆ ପ୍ରଚାର କରୁଛି। ଏନେଇ ବିତର୍କରେ ଆଙ୍କରମାନେ ବି ପ୍ରଶ୍ନ କରୁଛନ୍ତି। କିନ୍ତୁ ବାସ୍ତବରେ ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଛି। ଏନେଇ ତିନି ବର୍ଷ ପରେ ଗେଜେଟ ନୋଟିଫିକେସନ ପ୍ରକାଶ ପାଇଛି। ଯଦି ମୋଦି ସରକାର ସଂରକ୍ଷଣ ଦେବାକୁ ଚାହୁଁଥିଲେ ତେବେ ୩ ବର୍ଷ ପରେ କାହିଁକି ନୋଟିଫିକେସନ ଜାରିକଲେ ବୋଲି ମିଡ଼ିଆ କାହିଁକି ପଚାରୁନି ? ସେହିପରି ମହିଳା ସଂରକ୍ଷଣ ନେଇ ଗେଜେଟ୍ ବିଜ୍ଞପ୍ତି ଯେତେବେଳେ ପ୍ରକାଶ ପାଇଲାଣି, ତେବେ ବିଲ୍ କାଟ ଖାଇଲା ବୋଲି କାହିଁକି ଲେଖାଯାଉଛି। ମହିଳା ସଂରକ୍ଷଣ ବିଲକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଛି ତାହା ମିଡ଼ିଆ ଦୂର କରିବା ଆବଶ୍ୟକ। ଏବେ ଯେଉଁ କାଟ୍ ଖାଇବା କଥା କୁହାଯାଉଛି, ତାହା ଥିଲା ମହିଳା ସଂରକ୍ଷଣ ବିଲରେ ସଂଶୋଧନ। ଅର୍ଥାତ୍ ଆସନ ବୃଦ୍ଧି ନେଇ ଆସିଥିବା ସଂଶୋଧନ। ଯାହାକୁ ହିଁ ବିରୋଧୀ ବିରୋଧ କରୁଛନ୍ତି। କେନ୍ଦ୍ର ସରକାର ଚାହିଁଲେ ୨୦୨୯ରେ ବି ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ କରିପାରିବେ।




# ମୁଁ ବବିଙ୍କ ଗୁରୁ : ପ୍ରଭାତ

## ସବୁ କହିଲେ, ହେଲେ ୮ କୋଟିକୁ ଛାଡ଼ି...

ବର୍ଷ ବର୍ଷ ଧରି ଜିଦିରେ ନାଲି ସାର୍ଟ ପିନ୍ଧୁଥିଲେ ପ୍ରଭାତ ବିଶ୍ୱାଳ। ଏବେ ସେ ନାଲି ସାର୍ଟ ବଦଳରେ ଧଳା ପିନ୍ଧିଛନ୍ତି। ନାଲି-ଧଳାକୁ ନେଇ ସେ ଯେତିକି ଚର୍ଚ୍ଚାରେ ଅଛନ୍ତି, ବବିଙ୍କ ଗୁରୁ ବୋଲି କହି ଆହୁରି ଆଲୋଡ଼ନ ସୃଷ୍ଟି କରିଛନ୍ତି। ବବି ଦାସ ହେଉଛନ୍ତି ଅଶୋକ ଦାସଙ୍କ ପୁଅ। ଅଶୋକ ଦିନେ ଜନତା ଦଳର ମଙ୍ଗ ଧରିଥିଲେ। ବବି ନିଜ ବାପାଙ୍କୁ ଗୁରୁ ନକରି ପ୍ରଭାତଙ୍କୁ ରାଜନୈତିକ ଗୁରୁ କାହିଁକି କରିବେ ?

ଖାଲି ସେତିକିନୁହେଁ, ୨୦୦୯ରେ ବିଜେଡ଼ିକୁ ଆସିବା ବେଳେ ପ୍ରଭାତଙ୍କ ପାଇଁ ବବି ଦାସ ବାଇକ ରାଲି କରୁଥିଲେ। ତାଙ୍କ ପାଇଁ ଜିନ୍ଦାବାଦ ପକାଉଥିଲେ। ଅବଶ୍ୟ ପ୍ରଭାତଙ୍କ ଏଇକଥା ମିଛ ହୋଇନଥିବ। କାହିଁକିନା ସେତେବେଳେ ପ୍ୟାରୀବାବୁ ଥିଲେ ବିଜେଡ଼ିର ସର୍ବେସର୍ବା। ଆଉ ପ୍ରଭାତ ବାବୁ ଥିଲେ ପ୍ୟାରୀଙ୍କର ଡାହାଣ ହାତ। ବବି ରାଜନୀତିରେ ନୂଆ ପାଦ ଥାପିଥିବାବେଳେ ପ୍ରଭାତ ଯାଜପୁରର ପ୍ରଭାରୀ ଥିଲେ। ସାଧାରଣତଃ ପ୍ରଭାରୀ ବା ଜିଲ୍ଲା ଦାୟିତ୍ୱରେ ନେତାଙ୍କ ଆଗରେ ଶକ୍ତି ପ୍ରଦର୍ଶନ କରିବା ସ୍ୱାଭାବିକ କଥା। ପ୍ରଭାତଙ୍କ ଏକଥା ପଲଟିକାଲ ଲଜିକ୍ ଦୃଷ୍ଟିରୁ ସତ।

ପ୍ରଭାତ ଆଉ ଗୋଟିଏ କଥା କହିଛନ୍ତି, ବବି ଦାସଙ୍କୁ ତ ନିଜ ଟିକେଟ ମିଳିଲାନି, ସେ ଟିକେଟ୍ ପାଇଁ ତାଙ୍କ ପାଖକୁ କାହିଁକି ଯିବେ ? ଏକଥାଟି ଡାହା ଅସତ୍ୟ କହିଲେ ଭୁଲ୍ ହେବନି। ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡ଼ିରେ ଚାଲିଥିଲା ବବି ଦାସଙ୍କ ରାଜ୍। ବିଧାୟକ କି ନେତାଙ୍କ କଥା ଛାଡ଼ହୋ, ମନ୍ତ୍ରୀ ବି ବବିଙ୍କୁ ଡରୁଥିଲେ ଏମିତିକି ବବି ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେଣୁ ପ୍ରଭାତ ଓ ସୌଭିକ ବବିଙ୍କ ପାଖକୁ ଯାଉନଥିଲେ ବୋଲି କହିବା ତଥ୍ୟ ଆଧାରିତ ନୁହେଁ।

ପ୍ରଭାତ ଅନେକ ଗୁମର ଖୋଲିଛନ୍ତି। ୨୦୧୨ ମେ' ମଧ୍ୟରାତ୍ର ଷଡ଼ଯନ୍ତ୍ର ଘଟଣାରେ ଅତନୁ ସବ୍ୟସାଚୀ ନାୟକଙ୍କ ସନ୍ଦିଗ୍ଧ ଭୂମିକାକୁ ନେଇ ତେରେଛା ବାଣ ମାରିଛନ୍ତି। ଏତେ କଥା କହିଥିଲେବି, ସେଇ ୮ କୋଟି ଟଙ୍କା କଥା କହିଲେନି। ରାଜ୍ୟସଭାରେ ଭୋଟ୍ ଦେବାକୁ ସେ ୮ କୋଟି ମାଗିଥିଲେ ବୋଲି ବବି ଦାସ କହିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ବି ଏକଥା ଗଣମାଧ୍ୟମରେ ପ୍ରକାଶ କରିଥିଲେ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA



## ମହାମୂର୍ଖ ଉବାଚ



| ଡ଼ଃ କୁଳାଙ୍ଗାର |

# ହଟିବ ବନ୍ଧନ.... ହୋଇବ ବନ୍ଦନ !

ନାରୀ ବନ୍ଦନ ଓ ମହିଳାଙ୍କ
ସିଟବୃଦ୍ଧି ଘୋଷଣାକୁ ଶୁଣି;
ଅନେକ ଭାଇଙ୍କ ଆଖିରେ
ଅଚାନକ ଭରିହେଲା ପାଣି!
ଜିନ୍ଦାବାଦ ନାରା ଶୁଣିଶୁଣି,
ଅଭ୍ୟସ୍ତ ସେ କେମିତି ସହନ୍ତେ
କହ ଅନ୍ୟ ନାଆଁ ପୁଣି?

ଆଜି ନୁହେଁ ବହୁକାଳୁ
ମହିଳାକୁ ପୁରୁଷ ସହେନି;
ସମର, ସନ୍ଧିରେ ସେ
ଆଗେ ବଢୁ ପୁରୁଷ ଚାହେଁନି!
ବାହାରେ ଯିବାକୁ ଦିଏନି,
ରୋଷେଇ, ଶୃଙ୍ଗାର, ସେବା
ବାଦ କିଛି ସୁଯୋଗ ପାଏନି!!

ବ୍ୟତିକ୍ରମ ବିଚକ୍ଷଣ କେବେ
କେମିତି କ୍ୱଚିତ ଘଟିଛି;
ପରିସ୍ଥିତି ଚାପେ ସିନା
କେହି ସ୍ୱାମୀ ପଛକୁ ହଟିଛି!
ସତେସିଏ ପୂରା କି ଛାଡ଼ିଛି,
ପ୍ରତିନିଧି ସାଜି ପୁଣି
କ୍ଷମତାର ଚଡକି ମାଡ଼ିଛି!!

ନାରୀ ପାଇଁ ସିଟ ହେଲେ
ସେଠି କଣ ପୁରୁଷ ଲଢ଼ିବ;
ତେଣୁ ସବୁ ଘରକାମ
ଏଇଥର ଉପରେ ପଡିବ!
କୁନିଛୁଆ କାନ୍ଦିକି ଗଡ଼ିବ,
ଭୋକ ହେଲେ କାନ୍ଦିଲେ ସେ
ତା ମୁହଁରେ କଣ ମାଡ଼ିବ??

ତାଙ୍କ ବିନା କେମିତି ଚଳିବ ଘର
ରହିବା କି ହୋଟେଲରୁ ଖାଇ;
ସେଇକଥା ଭାବି କେତେ
ୟୁଟ୍ୟୁବ-ରୁ ଶିଖିଲେ ରୋଷେଇ!
ସତେକରି ହେବକିରେ ଭାଇ,
ଜାଣିବାକୁ କେତେ କିଏ
ପ୍ରାକ୍ଟିକାଲ କରି ସାରିଲେଣି!!

ଦେଖଦେଖ ନାରୀଶକ୍ତି ବନ୍ଦନ
ବିଧେୟକ ଖାଇଗଲା କାଟ;
ରକ୍ଷା ହେଲା ନାରୀ ଆଉ
ଲଢ଼ିବେନି ତୁଟିଲା ଝିନଝଟ!
ଦୂରହେଲା ମନ ଛଟପଟ,
ପତି ସହ ସହ ଲଢେଇରେ
ପତ୍ନୀ ସଦା ହୁଏ ଜିତାପଟ!!

ଆଜି ନ ହେଲା ଦୁଃଖ ନାଇଁ
କାଲି ହେବ ନାରୀର ବନ୍ଦନ;
ହୁଗୁଳିବ ପୁରୁଷତ୍ୱର ଶିକୁଳି
ଦିନେ ନିଶ୍ଚେ ଛିଣ୍ଡିବ ବନ୍ଧନ!
ମହାମୂର୍ଖ କଲମ ସ୍ପନ୍ଦନ,
ହେ ମାଆ.... ହେ ଭାଉଜ...
ଲଢ଼ିଚାଲ ନକରି କ୍ରନ୍ଦନ!!

# ମୋକିମଙ୍କ ନୂଆ ଦଳ ଲୋକାର୍ପିତ

କଂଗ୍ରେସରୁ ଯିବାପରେ ଇଂ ମହମ୍ମଦ ମୋକିମ୍ ନୂଆ ଦଳ ଗଢ଼ିଛନ୍ତି । ଗତ ୧୫ରେ ମୋକିମ୍ ବିଧିବଦ୍ଧ ଭାବେ ନିଜର ଦଳ 'ଓଡ଼ିଶା ଜନତା କଂଗ୍ରେସ ପାର୍ଟି'ର ଲୋକାର୍ପଣ କରିଛନ୍ତି । ୧୫ ଜିଲ୍ଲାରୁ ଶହ ଶହ କର୍ମୀ ଓ ନେତାଙ୍କୁ ନେଇ ସେ ଏକ ସମାବେଶ ବି କରିଥିଲେ । ଏହି ଅବସରରେ ବୁଦ୍ଧିଜୀବୀ, ସାମ୍ବାଦିକମାନେ ବି ନିମନ୍ତ୍ରଣ ପାଇ ମୋକିମଙ୍କ ସଭାରେ ଉପସ୍ଥିତ ଥିଲେ ।

ପ୍ରଦର୍ଶନୀ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୋକିମଙ୍କ ଝିଅ ତଥା କଂଗ୍ରେସର ନିଲମ୍ବିତ ବିଧାୟିକା ସୋଫିଆ ଫିର୍‌ଦୋସ୍ ଙ୍କୁ ଦେଖିବାକୁ ମିଳିଥିଲା । ମୋକିମଙ୍କ ଫୋକସରେ ଯୁବ ଓ ଛାତ୍ରମାନେ ରହିଛନ୍ତି । ପ୍ରଥମେ ସହରାଞ୍ଚଳରେ ସଂଗଠନ କରିବା ପରେ ସେ ଗ୍ରାମାଞ୍ଚଳକୁ ମୁହାଁଇବେ । ଓଡିଶାର ଯୁବପୀଢ଼ିଙ୍କୁ ନେଇ ଏହି ଦଳ ବିଜେପି ବିରୋଧରେ ବିକଳ୍ପ ହେବ ବୋଲି ମୋକିମ୍ କହିଛନ୍ତି । ବିଶେଷକରି ଭୁବନେଶ୍ୱର ଓ କଟକରେ ମୋକିମ୍ ଆଗାମୀ ଦିନରେ ଶକ୍ତି ପ୍ରଦର୍ଶନ କରିବାର ଯୋଜନା କରିଛନ୍ତି । ଏମିତିବି କଟକରେ ମୋକିମଙ୍କର ଭଲ ଭୋଟ୍ ବ୍ୟାଙ୍କ ରହିଛି । ଆଗାମୀ ସିଏମସି ନିର୍ବାଚନରେ ମୋକିମଙ୍କ ନୂଆ ଦଳ ବିଜେଡ଼ି, ବିଜେପି ଓ କଂଗ୍ରେସକୁ ଚକମା ଦେବବୋଲି ତାଙ୍କର ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେହିପରି ବିଏମସିରେ ବି କଂଗ୍ରେସର ସଂଗଠନ ନାହିଁ କହିଲେ ଚଳେ । ଭୁବନେଶ୍ୱରରେ ସଂଗଠନକୁ ଗତିଦେବା ପାଇଁ ମୋକିମ୍ ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀଙ୍କ ଭଳି ସାମାଜିକ ଆନ୍ଦୋଳନର ନେତାମାନଙ୍କୁ ଦଳକୁ ନେବାରେ ସକ୍ଷମ ହୋଇଛନ୍ତି । ବିଏମସି ନିର୍ବାଚନରେ ଦଳ ତିନି ନମ୍ବର ରହିବା ନିଶ୍ଚିତ, ଅର୍ଥାତ୍ କଂଗ୍ରେସକୁ ପଛରେ ପକାଇବାକୁ ଯୋଜନା କରିଛନ୍ତି । ସେହିପରି ବିଭିନ୍ନ ଜିଲ୍ଲାରେ କଂଗ୍ରେସ ଟିକେଟରୁ ବଞ୍ଚିତ କେତେକ ନେତା ବି ତାଙ୍କ ସହ ଯୋଗସୂତ୍ରରେ ରହିଛନ୍ତି ।

ଲୋକାର୍ପଣ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ପ୍ରତିଷ୍ଠାତା ସଭାପତି ମୋକିମ୍ ପୂର୍ବ ସରକାର ଏବଂ ବର୍ତ୍ତମାନର ବିଜେପି



ସରକାରଙ୍କୁ ସମାଲୋଚନା କରିଥିଲେ । ସେ କହିଥିଲେ, ବିକାଶ କ୍ଷେତ୍ରରେ ଓଡିଶା ବହୁତ ପଛରେ ପଡିଛି । ପୂର୍ବ ସରକାରଠାରୁ ବର୍ତ୍ତମାନର ସରକାର ଭିନ୍ନ ନୁହଁନ୍ତି । ସରକାର ବଦଳିଲା କିନ୍ତୁ ଢାଞ୍ଚା ବଦଳି ନାହିଁ । ସେମାନେ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ଏହି ଦୃଷ୍ଟିରୁ ଓଡିଶାର ବିକାଶ ପାଇଁ ଏକ ଜନଜାଗରଣର ଆବଶ୍ୟତା ଅଛି । କଂଗ୍ରେସରେ ରହି ଏହି କାର୍ଯ୍ୟ ଆଗକୁ ନେବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ତେଣୁ ଓଡିଶା ଜନତା କଂଗ୍ରେସ ପାର୍ଟି ଗଠନର ଆବଶ୍ୟକତା ପଡିଲା । ଯୁବଶକ୍ତିଙ୍କୁ ନେଇ ଏହି ପାର୍ଟି ଓଡିଶାର ବିକାଶ ଦିଗରେ କାର୍ଯ୍ୟ କରିବ । ଏକ ନୂଆ ଓଡିଶା ଗଠନ ଦିଗରେ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ । ନୂଆ ଓଡିଶା ଏକ ଯୁବ କେନ୍ଦ୍ରିକ ଓଡିଶା ହେବ । ଚାଷୀ, ମହିଳା, ଯୁବକମାନଙ୍କ ସାମଗ୍ରିକ ଉନ୍ନତି ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶାକୁ ଆଗକୁ ନେବାକୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଓଡିଆଙ୍କ ହକ୍ ପାଇଁ ଓଡିଶା ଜନତା କଂଗ୍ରେସ ଲଢ଼ିବ ବୋଲି ମୋକିମ୍ କହିଥିଲେ ।

ମୋକିମ୍‌ଙ୍କ ନୂଆ ଦଳରେ ତାଙ୍କର ବିଧାୟିକା ଝିଅ ସୋଫିଆଙ୍କର କ'ଣ ଭୂମିକା ରହିବ ତାହା ଉପରେ ସମସ୍ତଙ୍କର ନଜର ଥିଲା ବେଳେ ଲୋକାର୍ପଣ ମଞ୍ଚରେ ବାପାଙ୍କ ସହ ତାଙ୍କୁ ବି ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ଓଡିଶା ଜନତା କଂଗ୍ରେସକୁ ସେ ନେତୃତ୍ୱ ଦେବେ ବୋଲି ସ୍ପଷ୍ଟ ଜଣାପଡୁଥିଲା । ତେବେ କଂଗ୍ରେସ ଟିକେଟରେ ବିଧାୟିକା ହୋଇଥିବାରୁ ବର୍ତ୍ତମାନ ତାଙ୍କର ସଭ୍ୟପଦ ଉପରେ ଏହା ବିପଦ ଆଣିପାରେ ବୋଲି କୁହାଯାଉଛି । ସୋଫିଆ କିନ୍ତୁ ଏହି ଚର୍ଚ୍ଚାକୁ ଏଡାଇ ଦେବାକୁ ଚେଷ୍ଟା କରିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ, ମୁଁ କଂଗ୍ରେସରୁ ଏବେ ନିଲମ୍ବିତ ଅଛି । ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା କଟକର ପରମ୍ପରା । ତେଣୁ ଶୁଭେଚ୍ଛା ବାର୍ତ୍ତା ଦେବାକୁ ଆସିବାରେ କିଛି ଭୁଲ୍ ନାହିଁ । ଆଗାମୀ ଦିନରେ ଓଡିଶା ଜନତା କଂଗ୍ରେସର ମଙ୍ଗ ଧରିବେ କି ବୋଲି ପଚରାଯିବାରୁ ସମୟ ଆସିଲେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ ।

# 'ବିଜୟ' ଫାଷ୍ଟ, 'ବିଚାର' ଲାଷ୍ଟ

୨୦୨୯ରେ ଆମେ ରାଜ୍ୟ ରାଜନୀତିରେ ଏମିତି ହିଁ ଚିତ୍ର ଦେଖିବା। ଦିନ ଥିଲା ବିଚାରଧାରା ଫାଷ୍ଟ। ଅର୍ଥାତ ଜଣେ ନେତାଙ୍କୁ ଟିକେଟ୍ ଦେବା ପୂର୍ବରୁ ପ୍ରଥମେ ଦଳ ସହ ତା'ର ବିଚାରଧାରା ଖାପ ଖାଉଛି କି ନାହିଁ ତାହାକୁ ଅନୁଶୀଳନ କରାଯାଉଥିଲା। ଏବେ କିନ୍ତୁ ବିଜୟ ସମ୍ଭାବନାକୁ ହିଁ ଅଗ୍ରାଧିକାର ଦିଆଯାଉଛି। ଯଦି ବିଜୟ ସମ୍ଭାବନା ଅଛି ତେବେ ନେତାଙ୍କର ପୂର୍ବ ଟ୍ରାକ୍ ରେକର୍ଡ଼ ଦେଖିବାର ଆଉ ଆବଶ୍ୟକତା ନାହିଁ। ୨୦୨୯ ନିର୍ବାଚନରେ ରାଜ୍ୟ ରାଜନୀତିରେ ଚମତ୍କାର ରଣନୀତି ଦେଖିବାକୁ ମିଳିବ। ଗୋଟିଏ ପଟେ ବିଜେଡ଼ି-କଂଗ୍ରେସ ଭିତରେ ସମ୍ପର୍କ ବଢ଼ିବାରେ ଲାଗିଛି। ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଏଁ ବିଜେଡ଼ି-କଂଗ୍ରେସ ନେତାଙ୍କ ଭାବନାବ ଦେଖିଲେ ଏଭଳି ମନେହେବା ସ୍ୱାଭାବିକ। ତୃଣମୂଳସ୍ତରରେ ଏହାର ପ୍ରଭାବ ନେଇ ଅନୁଶୀଳନ କରାଯାଇନଥିବାରୁ ଦୁଇ ଦଳର ନେତା ମେଣ୍ଟ ଚର୍ଚ୍ଚାକୁ ବାଆଁରେଇ ଦେଉଥିବା ଦେଖିବାକୁ ମିଳୁଛି। ଏମିତି ସ୍ଥିତିରେ ବିଜେପି ବି ଗୋଟିଚାଳନା ଆରମ୍ଭ କରିଦେଇଛି। କେତେକ ନେତା ବିଜେଡ଼ି-କଂଗ୍ରେସ ମେଣ୍ଟକୁ ଭଲଭାବେ ଗ୍ରହଣ କରିପାରୁନାହାନ୍ତି। ଓଡ଼ିଶା ନାଗରିକ ମଞ୍ଚ ନାଁରେ ସଶକ୍ତ ମୂଳଦୁଆ ପାଇଁ ବିଜୟ, ସୌମ୍ୟରଞ୍ଜନ ଓ ଦିଲ୍ଲୀପ ଅଣ୍ଟା ଭିଡ଼ିଛନ୍ତି। ଏଭଳି ଗୋଳମାଳିଆ ରାଜନୀତିରେ 'ବିଚାର' ଗାଧୋଇଯିବା ଥୟ। ବିଚାର ଥାଉକି ନଥାଉ ଯଦି ସେ ଜିତିପାରିବ ତେବେ ତାକୁ ହିଁ ଟିକେଟ ମିଳିବ।




Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS